

ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



# 'ନୋ ଟୁ ପଲିଥିନ୍' ବାର୍ତ୍ତା ନେଇ ସାଇକେଲ ଯାତ୍ରା



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି 'ଉଇ ଅଲ୍ ରାଇଡ୍ ବାଇସାଇକେଲ' ଗ୍ରୁପ୍‌ର ସଦସ୍ୟମାନେ।

**ଭୁବନେଶ୍ୱର, ୩୦।୯(ବ୍ୟୁରୋ)**

'ଉଇ ଅଲ୍ ରାଇଡ୍ ବାଇସାଇକେଲ' ପକ୍ଷରୁ ରବିବାର 'ନୋ ଟୁ ପଲିଥିନ୍' ବାର୍ତ୍ତା ନେଇ ସାଇକେଲ ଯାତ୍ରା କରାଯାଇଥିଲା। ଏହି ଗ୍ରୁପ୍ ଅନେକ ସମୟରେ ପରିବେଶ ସୁରକ୍ଷା ପାଇଁ ସାଇକେଲ ଯାତ୍ରା କରି ବିଭିନ୍ନ ସଚେତନତାର ବାର୍ତ୍ତା ଦେଇଥାନ୍ତି। ରବିବାର ଗ୍ରୁପ୍ ପକ୍ଷରୁ କଟକ ଓ ଭୁବନେଶ୍ୱରରୁ ୧୪ଜଣ ଏହି ଯାତ୍ରାରେ ସାମିଲ ହୋଇଥିଲେ। ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ବାହାରି ପ୍ରାୟ ୮୦କିଲୋମିଟର ଯାତ୍ରା କରିଥିଲେ। ଏ ସମ୍ପର୍କରେ ଗ୍ରୁପ୍‌ର ପୀୟୂଷ ରାଉତ କୁହନ୍ତି, ଆମେ ଯେଉଁଠି ବି ସାଇକେଲ ନେଇକି ଯାଉ ସେଠାରେ ଚକୋଲେଟ୍‌ଠାରୁ ଆରମ୍ଭ କରି ଆମେ ଯାହା ଖାଇଥାଉ ସେହି ଜରିଗୁଡ଼ିକୁ ହେଉ କିମ୍ବା ପାଣି ବୋତଲ ଘରକୁ ନେଇ ଆସିଥାଉ। ବାହାରେ କେଉଁଠାରେ ପକାଇ ନ ଥାଉ। ତେବେ ସାଇକେଲରେ ଗଲାବେଳେ ବର୍ଷା ହେଲେ ମୋବାଇଲ କିମ୍ବା ଅନ୍ୟାନ୍ୟ ଜିନିଷ କିପରି ରଖିବ ତାହା ଅସୁବିଧା ହୋଇଥାଏ। ତେଣୁ ପଲିଥିନ୍ ବ୍ୟବହାର କରିବାକୁ ପଡ଼ିଥାଏ। ତେବେ ପ୍ରଥମ ଥର ପାଇଁ ଆମେ ଆଜି ବିନା ପଲିଥିନ୍‌ରେ ସାଇକେଲିଂ କରିଥିଲୁ। ଗଭର୍ନର ହାଉସ୍, କିଟ୍ ହୋଇ ଡେରାଶ ଯାଇଥଲୁ। ସେଠାରେ ଅନେକ ପର୍ଯ୍ୟଟକଙ୍କ ସହିତ ଆଲୋଚନା କରିଥିଲୁ। ପଲିଥିନ୍‌କୁ କିପରି ବ୍ୟବହାର ନ କରିବେ ସେଥିପାଇଁ ସେମାନଙ୍କୁ ସଚେତନ କରାଇଥିଲୁ। ଯାତ୍ରା ସମୟରେ ଅନେକ ସ୍ଥାନରେ ବୁଲି ବୁଲି ପଲିଥିନ୍ ବ୍ୟାନ୍ ସମ୍ପର୍କରେ ଦୋକାନୀଙ୍କୁ ପଚାରିଥିଲୁ। କିଛି ଦୋକାନୀ ପତ୍ର ଓ ମାଟି କୋଡୁଆ ବ୍ୟବହାର କରୁଥିବା କହିଛନ୍ତି। ତେବେ ଲୋକମାନେ ଯଦି ନିଜେ ସଚେତନ ହେବେ ତେବେ ଯାଇ ପଲିଥିନ୍ ବ୍ୟବହାର ବନ୍ଦ ହୋଇପାରିବ ବୋଲି ସେ କହିଛନ୍ତି।




କଟକ ଭଗତପୁର ଅଞ୍ଚଳର ବରିଷ୍ଠ ନାଗରିକ ଓ ଯୁବ ଗୋଷ୍ଠୀ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ।

## ପ୍ଲାଷ୍ଟିକ ବର୍ଜନ କଲେ କ୍ୟାଟେରର ସଂଘ

# ଖାଦ୍ୟ ପ୍ୟାକିଂରେ ବ୍ୟବହାର ହେବନି ପଲିଥିନ




**ଭୁବନେଶ୍ୱର, ୩୦।୯(ବ୍ୟୁରୋ)**

ଏଥର ଆଉ ଖାଦ୍ୟ ପାର୍ସଲରେ ବ୍ୟବହାର ହେବ ନାହିଁ ପଲିଥିନ ଜରି। ଏଭଳି ଏକ ବଡ ପଦେକ୍ଷପ ନେଇଛି ଅଲ ଓଡିଶା କ୍ୟାଟେରର ସଂଘ। ପୂର୍ବରୁ ଖାଦ୍ୟ ପାକିଂ ସମୟରେ କ୍ୟାଟେରରମାନେ ପଲିଥିନ ଓ ଥର୍ମକୁଲ ବ୍ୟବହାର କରୁଥିଲେ। ଏହା ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ଏବଂ ପରିବେଶ ପ୍ରତି ଏହାର କୁପ୍ରଭାବ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଅନୁଷ୍ଠିତ ସଂଘର ବୈଠକରେ ଖାଦ୍ୟ ପ୍ୟାକିଂ ସମୟରେ ପଲିଥିନ ବ୍ୟବହାର ନ କରିବା ପାଇଁ ସମସ୍ତ ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଆସନ୍ତା ୨ ତାରିଖରେ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗୁ କରିବାକୁ ଯାଉଛନ୍ତି। ସରକାରଙ୍କୁ ସହଯୋଗ କରିବା ସହ ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ପ୍ରତି ନାଗରିକଙ୍କ ଦାୟିତ୍ୱବୋଧ ରହିଛି ବୋଲି ଚିନ୍ତା କରାଯାଇ ଏହି ସକାରତ୍ମକ ପଦେକ୍ଷପ ନିଆଯାଇଛି। ଆଗାମୀ ୨୦୧୯ରେ ଓଡିଶାରେ ସର୍ବ ଭାରତୀୟ କ୍ୟାଟେରର ମହାସଂଘର ଏକ ବିଶାଳ ସମାବେଶ ଭୁବନେଶ୍ୱରଠାରେ ଆୟୋଜନ ହେବା ସହ ଏକ ବୃହତ ପ୍ରଦର୍ଶନୀ କରାଯିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି କଟକ କଲେଜର ଏନ୍‌ସିସି କ୍ୟାଡେଟ୍ ଓ ଅନ୍ୟମାନେ।

# ଅଦରକାରୀ କପଡ଼ାରୁ ବ୍ୟାଗ

**ପୁରୁଣା ଭୁବନେଶ୍ୱର, ୩୦।୯ (ଡି.ଏନ.ଏ.)**

ପଲିଥିନର ବିକଳ୍ପକୁ ନେଇ ସମସ୍ତେ ଚିନ୍ତାରେ ଥିବାବେଳେ ସହରର କେତେକ ସାମାଜିକ ସଙ୍ଗଠନର ସଦସ୍ୟମାନେ ଏଥିପାଇଁ ଅଣ୍ଟା ଭିଡ଼ିଛନ୍ତି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ଉଦ୍ୟମରେ ଏବଂ ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟସ୍ଥ ରଥ ଦ୍ୱାର ପାଖରେ ଚାନ୍ଦୁଆ ଓ ପତାକା କାରିଗର ଭାବେ ପ୍ରସିଦ୍ଧ ରଘୁନାଥ ମହାରଣାଙ୍କ ହାତରେ ବିଭିନ୍ନ ଡିଜାଇନର କପଡା ବ୍ୟାଗ ପ୍ରସ୍ତୁତ ୟୁନିଟ୍ ଆରମ୍ଭ ହୋଇଛି। ବିଭିନ୍ନ ପ୍ରକାର ବ୍ୟବହୃତ ପ୍ୟାଣ୍ଟ, ଶାର୍ଟ ଓ ଅନ୍ୟ କପଡାକୁ ଉପଯୋଗ କରି ଏହି ବ୍ୟାଗ ତିଆରି ହେଉଛି। ବ୍ୟାଗଗୁଡିକୁ କେବଳ ସିଲାଇ ମଜୁରି ଦେଇ କିଣି ହେବ ବୋଲି କୁହାଯାଇଛି। ବଜାରକୁ ଆସିବା ପୂର୍ବରୁ କପଡା ବ୍ୟାଗକୁ ନେଇ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀର ଅନୁଷ୍ଠାନ 'ଚିତ୍ରଶାଳା'ର ଛାତ୍ରୀଛାତ୍ରମାନଙ୍କୁ ଏହି କପଡା ବ୍ୟାଗ ପ୍ରଦାନ ପୂର୍ବକ ସଚେତନତା କରାଯାଇଥିଲା। ଗଣେଶ ପୂଜାରୁ ପଲିଥିନ ବ୍ୟବହାର ନ କରିବା ନେଇ ସଂକଳ୍ପ କରିଥିବା ପିଲାମାନେ କପଡା ବ୍ୟାଗ ପାଇ ଖୁସି ବ୍ୟକ୍ତି କରିଥିଲେ।




ପୁରୀ ସମର୍ପିତ ସୋସିଆଲ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବେଳାଭୂମି ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଫେଇ ଅବସରରେ ପ୍ଲାଷ୍ଟିକ ଓ ପଲିଥିନ୍ ମୁକ୍ତ ଓଡ଼ିଶା ସଚେତନତା ବାର୍ତ୍ତା ଦିଆଯାଉଛି।



ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀସ୍ଥିତ 'ଚିତ୍ରଶାଳା'ର ଛାତ୍ରୀଛାତ୍ରମାନଙ୍କୁ କପଡ଼ା ବ୍ୟାଗ ପ୍ରଦାନ କରାଯାଉଛି।



ପୁରୀ ସୁଦାମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ଆର୍ଟର ଛାତ୍ରୀଛାତ୍ର ଓ ଅନ୍ୟମାନେ 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ କରୁଛନ୍ତି।



'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ପୁରୀ ସଦରବ୍ଲକ ଉଉରହଣାସ୍ଥିତ ଓମ୍ ସାଇ ବାଳାଶ୍ରମର ଅନ୍ତେବାସୀ ଓ ଅନ୍ୟମାନେ।



ଯାହାର କୌଣସି ସମ୍ପତ୍ତି ପ୍ରତି ଲୋଭ ନ ଥାଏ, ଯିଏ ପର ଦୁଃଖରେ ଦୁଃଖି ଓ ଅନ୍ୟର ସୁଖରେ ସୁଖୀ ହୁଅନ୍ତି, ତାଙ୍କୁ ସାଧୁ କହନ୍ତି। ସାରା ସଂସାରରେ ସାଧୁଙ୍କର କେହି ଶତ୍ରୁ ନ ଥାନ୍ତି।
- ତୁଳସୀ ଦାସ



## ସଂକ୍ଷେପରେ

### ରେଭେନ୍ସା ବନ୍ଦ ଆହ୍ୱାନ ଦେଲେ ଛାତ୍ର ସଂଗଠନ

**କଟକ ଅଫିସ, ୩୦।୯:** ରେଭେନ୍ସାରେ ପରୋକ୍ଷ ଛାତ୍ର ସଂସଦ ନିର୍ବାଚନ ନିଷ୍ପତ୍ତି ପ୍ରତିବାଦରେ ୧ ତାରିଖରେ ଶ୍ରେଣୀ ବର୍ଜନ ଓ ୩ ତାରିଖରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟାକୁ ଅଚଳ କରିଦେବାକୁ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ରେଭେନ୍ସା ବନ୍ଦ ପାଳନ କରିବା ନେଇ ମଧ୍ୟ ସୂଚନା ଦିଆଯାଇଛି। ପୂର୍ବରୁ ଦୀର୍ଘବର୍ଷ ଧରି ରେଭେନ୍ସାରେ ପ୍ରତ୍ୟକ୍ଷ ନିର୍ବାଚନ ହୋଇଆସୁଥିବାବେଳେ ନିର୍ବାଚନୀ ହିଂସାକୁ ଆଳ କରି ପରୋକ୍ଷ ନିର୍ବାଚନ କରାଯାଇ ଛାତ୍ର ଏକତା ଭଙ୍ଗ କରିବାକୁ କର୍ତ୍ତୃପକ୍ଷ ଅପଚେଷ୍ଟା କରୁଛନ୍ତି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ପରୋକ୍ଷ ଛାତ୍ର ସଂସଦ ନିର୍ବାଚନ ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ବିରୋଧ କରିଥିଲେ। ଯାହାକୁ ନେଇ ସାଇନ-ଏ-ଡାଏ ଘୋଷଣା ହୋଇଥିଲା।

### ଟପ୍ ଚାଇଲ୍ଡ ମଡେଲ୍ ଅଫ୍ ଦି ପ୍ଲାନେଟ୍ ହେଲେ ଭୁବନେଶ୍ୱରର ସୟିଦା ଆଫ୍ରା

**ଭୁବନେଶ୍ୱର,୩୦।୯(ବ୍ୟୁରୋ):** ଭୁବନେଶ୍ୱରର ସୟିଦା ଆଫ୍ରା ନିକଟରେ 'ଟପ୍ ଚାଇଲ୍ଡ ମଡେଲ୍ ଅଫ୍ ଦି ପ୍ଲାନେଟ୍ ୨୦୧୮' ଟାଇଟଲ ଜିତି ରାଜ୍ୟବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ଗତ ସେପ୍ଟେମ୍ବର ୨୧ରେ ଜର୍ଜିଆର ରାଜଧାନୀ ଟିବିଲିଶିରେ ଅନୁଷ୍ଠିତ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସୟିଦା ସମସ୍ତ ରାଉଣ୍ଡରେ ଶ୍ରେଷ୍ଠ ପ୍ରଦର୍ଶନ କରି ଟାଇଟଲ ଜିତିବାରେ ସଫଳ ହୋଇଥିଲେ। ପୂର୍ବରୁ ମଧ୍ୟ ସେ ଏହି ପ୍ରତିଯୋଗିତାରେ ଜଣେ ସଫଳ ପ୍ରତିଯୋଗୀ ଭାବେ ନଜରକୁ ଆସିଥିଲେ। ଭୁବନେଶ୍ୱର ଲୟୋଲା ସ୍କୁଲରେ ପଢୁଥିବା ୬ ବର୍ଷୀୟା ସୟିଦା ଜଣେ ମେଧାବୀ ଛାତ୍ରୀ ସହ ବହୁ ପ୍ରତିଭାର ଅଧିକାରୀ। ମାତ୍ର ୨ ବର୍ଷ ବୟସରୁ ନୃତ୍ୟ, ଗୀତ ଓ ଫ୍ୟାଶନ ଶୋ'ରେ ଭାଗନେବାର ଅଭିଜ୍ଞତା ରଖିଥିବା ଏହି ଶିଶୁ ଫାଇନାଲ ରାଉଣ୍ଡରେ ନିଜ ମା'ଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧିବା ସହ ମେକ୍ଅପ୍ ନେଇଥିଲେ। 'ଭିନ୍ନତା ମଧ୍ୟରେ ଏକତା' ଥିମ୍କୁ ନେଇ ତାଙ୍କ ଡ୍ରେସ୍ ଡିଜାଇନ୍ ଆକର୍ଷଣ ସାଜିଥିଲା।

## ସରିଲା ଓଡ଼ିଶା ଲିଟେରାରି ଫେଷ୍ଟିଭାଲ 'ଅ'

# ତୈଳଦର ବୃଦ୍ଧି ଏକ ସାମୟିକ ସମସ୍ୟା: ଧର୍ମେନ୍ଦ୍ର

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

ଓଡ଼ିଶାରେ ଯାହା ଅଛି, ତାହା ଆଉ କେଉଁଠାରେ ନାହିଁ। ଓଡ଼ିଶାର ବୈଜ୍ଞାନିକମାନେ ଆଜି ବିଶ୍ୱର କୋଣ ଅନୁକୋଣରେ ରହି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ବିଶ୍ୱର ନେତୃତ୍ୱ ନେବାର କ୍ଷମତା ଓଡ଼ିଶା ପାଖରେ ରହିଛି। ପ୍ରାକୃତିକ ବିଭବ ହିଁ ରାଜ୍ୟର ଗରିମା ଓ ସମୃଦ୍ଧିକୁ ବହୁ ଉପରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍ ପକ୍ଷରୁ ଦୁଇଦିନ ଧରି ସ୍ଥାନୀୟ ଏକ ହୋଟେଲରେ ଚାଲିଥିବା ଓଡ଼ିଶା ଲିଟେରାରି ଫେଷ୍ଟିଭାଲ 'ଅ'ର ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି।

ସେ ଆହୁରି କହିଛନ୍ତି, ଉପା ସରକାର ସମୟରେ ରାଜ୍ୟକୁ କେନ୍ଦ୍ର ଯେତିକି ଅନୁଦାନ ଦେଉ ନ ଥିଲା, ତା'ର ଦୁଇଗୁଣା ଅନୁଦାନ ଗତ ୪ବର୍ଷ ଭିତରେ କେନ୍ଦ୍ର ସରକାର ରାଜ୍ୟକୁ ଦେଇଛନ୍ତି। ସେହି ଅନୁଦାନ କେଉଁ ଦିଗରେ ଖର୍ଚ୍ଚ ହେଉଛି, ତାହାର ତର୍ଜମା ପାଇଁ ମୋର ଓଡ଼ିଶା ଆସିବାର ଆବଶ୍ୟକତା ରହିଛି। ମଞ୍ଚରେ ବରିଷ୍ଠ ସାମ୍ବାଦିକ ପ୍ରଭୁ ଚାୱଲାଙ୍କ ସହ ଆଲୋଚନା ସମୟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ଧର୍ମେନ୍ଦ୍ର କହିଥିଲେ, ତୈଳ ଦର ବୃଦ୍ଧି ଗରିବ ଲୋକଙ୍କୁ କଷ୍ଟ ଦେଉଛି। ତୈଳଦର ହ୍ରାସ ପାଇଁ କେନ୍ଦ୍ର ସରକାର ଯଥାସାଧ୍ୟ ଚେଷ୍ଟା କରୁଛନ୍ତି। ହେଲେ ଦେଶ ଓ ରାଜ୍ୟର ଟିକସ ପରିଚାଳନା ବ୍ୟବସ୍ଥା, ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଏବଂ ଆମଦାନୀରେ ହ୍ରାସ ଯୋଗୁ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ହୋଇଛି। ଏହା ସାମୟିକ ବୃଦ୍ଧି ଏବଂ ଏହାର ସମାଧାନ ଖୁବ୍ଶୀଘ୍ର ହୋଇଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ, ଓଡ଼ିଶା ସରକାର ସ୍ୱାର୍ଥବାଦୀ ରାଜନୀତି କରୁଛନ୍ତି। ନିଜ ସୁବିଧା ଅନୁଯାୟୀ କେନ୍ଦ୍ରକୁ କେତେବେଳେ ସମର୍ଥନ କରୁଛନ୍ତି ତ ପୁଣି କେତେବେଳେ ବିରୋଧ କରୁଛନ୍ତି। ଏହାମଧ୍ୟରେ ଓଡ଼ିଶା ସରକାର ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଭୁଲିଯାଉଛନ୍ତି। ତେଣୁ ଭାଜପା ଓ ବିଜେଡିର ମେଣ୍ଟ କେବେ ବି ସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ରାଜ୍ୟ ଭାଜପା ସମସ୍ତ ପ୍ରକାର ପ୍ରଚେଷ୍ଟା କରିବ ବୋଲି ସେ କହିଥିଲେ। କେନ୍ଦ୍ର ବାହାବା ନେଇଯିବ ଭାବି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୌଭାଗ୍ୟ, ସ୍ୱଚ୍ଛ ଭାରତ ଅଭିଯାନ ଭଳି ଯୋଜନାକୁ ଓଡ଼ିଶାରେ ସଫଳ କରାଇବା ନେଇ ରାଜ୍ୟ ସରକାର ଭୟ କରୁଛନ୍ତି ବୋଲି କହିଥିଲେ। ସେହିଭଳି ନିକଟରେ ସୁପ୍ରିମକୋର୍ଟ ସାବରୀମାଳା ମନ୍ଦିରକୁ ମହିଳାଙ୍କ ପ୍ରବେଶ ସପକ୍ଷରେ ଦେଇଥିବା ରାୟ ସମ୍ପର୍କରେ ମଧ୍ୟ ମତ ରଖିଥିଲେ। ସାବରୀମାଳା ଭଳି କାମାକ୍ଷା ମନ୍ଦିରରେ ଥିବା କେତେକ କଟକଣାକୁ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।



ଏକ ଅଧିବେଶନରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ପ୍ରଭୁ ଚାୱଲା।



ଅନ୍ୟ ଏକ ଅଧିବେଶନରେ ଉପସ୍ଥିତ ପିୟୂଷ ରଏ, ମନୀଷ କିଶୋର ଓ ସରମନ୍ ଯୋଶୀ।

ଏହି ଅବସରରେ ବଲିଉଡ୍ ଅଭିନେତା ତଥା 'ଥ୍ରୀ ଇଡିୟଟ୍ସ' ଓ 'ରଙ୍ଗ୍ ଦେ ବସନ୍ତୀ' ଫେମ୍ ସରମନ୍ ଯୋଶୀ ଏକ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରି ନିଜର ଆଗାମୀ ଫିଲ୍ମ 'କାଶୀ ଇନ୍ ସର୍ଚ୍ଚ ଅଫ୍ ଗଙ୍ଗା' ସମ୍ପର୍କରେ କହିଥିଲେ। ଫିଲ୍ମରେ ସେ କରିଥିବା ଚରିତ୍ର 'ଗଙ୍ଗା' ଏବଂ ନିଜ ଭଉଣୀକୁ ଖୋଜିବାକୁ ସେ କିଭଳି ସଂଘର୍ଷ କରୁଛନ୍ତି, ତାହାକୁ ଦର୍ଶାଯାଇଥିବା ସରମନ୍ କହିଥିଲେ। ସେହିଭଳି ଏକ ଫିଲ୍ମ ପାଇଁ ସବୁ ଚରିତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଲେଖିକା ତଥା ସାମ୍ବାଦିକା ନୀଲିମା କୋଟା ଯୋଗଦେଇ କହିଲେ, ଆଜିକାଲି ସୋସିଆଲ ମିଡିଆ ବେଶ୍ ସକ୍ରିୟ ରହୁଛି। ତେଣୁ କୌଣସି ଅନ୍ୟାୟ ଘଟଣା ଦେଖିଲେ ଗଣମାଧ୍ୟମକୁ ଅପେକ୍ଷା ନ କରି ପ୍ରଥମେ ନିଜ ମୋବାଇଲ ଫୋନ୍ରେ କ୍ଲିକ୍ କରି ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ଉଚିତ। ଏହାଦ୍ୱାରା ଯଥା ସମୟରେ ଦୋଷୀ ବିରୋଧରେ ପଦକ୍ଷେପ ନିଆଯାଇପାରିବ। ସେ ଆହୁରି କହିଥିଲେ, ମହିଳାମାନେ ହିଁ ମହିଳାଙ୍କ ପ୍ରଥମ ଶତ୍ରୁ। ଆମ ସମାଜରେ ନାରୀଙ୍କ ପ୍ରତି ଯାହା ଘଟୁଛି, ଆଉ ଜଣେ ନାରୀ ତା'ର ପ୍ରତିବାଦ କେବେ ବି କରୁନି, ଯାହାକି ଦୁର୍ଭାଗ୍ୟଜନକ। ଏହାବ୍ୟତୀତ ଉଦ୍ଯାପନୀ ସମାରୋହରେ ଗୀତିକାର ତଥା ସଙ୍ଗୀତଜ୍ଞ କବିଶ ସେଠ୍ଙ୍କ ଅଧିବେଶନ ଆକର୍ଷଣ ସାଜିଥିଲା।

## ୨ ହାତୀ ଶାବକଙ୍କ ଗଳିତ ମୃତଦେହ ଠାବ

**ଆଠଗଡ଼,୩୦।୯(ସ୍ୱ.ପ୍ର.)**

ଆଠଗଡ଼ ବନାଞ୍ଚଳ ଅଧୀନ ଜେନାପୁର ପାହାଡ଼ ନିକଟସ୍ଥ କିଆକୋଇ ନାଳରୁ ରବିବାର ୨ହାତୀ ଶାବକଙ୍କ ଗଳିତ ମୃତଦେହ ଠାବ କରାଯାଇଛି। ୫-୬ଦିନ ତଳେ ହାତୀପଲ ଖଲଖଲା ଜଙ୍ଗଲରୁ ଜେନାପୁର ପାହାଡ଼ ନିକଟରେ ବିଚରଣ କରୁଥିଲେ। ନାଳ ପାର ହୋଇ ଯାଉଥିବା ବେଳେ ଶାବକ ଦ୍ୱୟ ପ୍ରାୟ ୧୦ଫୁଟ ଗଭୀର ପାଣିରେ ପଶି ଯାଇଥିଲେ। ନାଳରେ ଥିବା ଦଳରେ ଗୁଡ଼ାଇ ହୋଇ ଶାବକ ଦ୍ୱୟ ବୁଡି ଯାଇଥିଲେ। ସକାଳେ ଜଣେ ଗୋପାଳକ ଗାଈ ଚରାଉଥିବା ବେଳେ ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ନାଳରୁ ଅନାବନା ଗଛ ହଟାଇବା ପରେ ୨ ହାତୀ ଶାବକଙ୍କ ମୃତଦେହ ଦେଖା ଯାଇଥିଲା। ପରେ ଗ୍ରାମବାସୀ ଘଟଣା ସମ୍ପର୍କରେ ବନ ବିଭାଗକୁ ଅବଗତ କରାଇଥିଲେ। ଅପରାହ୍ନରେ ବନଖଣ୍ଡ ଅଧିକାରୀ ଅରୁଣ କୁମାର ସ୍ୱାଇଁ, ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର କୁମାର ଦାସ, ସଦର ରେଞ୍ଜର ରବୀନ୍ଦ୍ର କୁମାର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନାଳରୁ ହାତୀ ଶାବକ ଦ୍ୱୟଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିବା ପାଇଁ ପ୍ରୟାସ କରିଥିଲେ। ଶାବକ ଦ୍ୱୟ ପାଣିରେ ବୁଡି ରହିଥିବା ଓ ଅତ୍ୟନ୍ତ ଦୁର୍ଗନ୍ଧ ହେଉଥିବାରୁ ସନ୍ଧ୍ୟାସୁଦ୍ଧା ଗୋଟିଏ ଶାବକର ମୃତଦେହ ଉଦ୍ଧାର କରାଯାଇଥିଲା। ରାତିହୋଇ ଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି। ସୋମବାର ଅନ୍ୟ ଶାବକର ମୃତଦେହ ଉଦ୍ଧାର କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତ୍ରିରେ ୨ଦଳ ହାତୀଙ୍କ ମଧ୍ୟରେ ସଂଘର୍ଷ ଘଟି ଏକ ୮ବର୍ଷର ହାତୀର ମୃତ୍ୟୁ ଘଟିଥିଲା। ତେବେ ପୁଣି ୨ ଶାବକଙ୍କ ମୃତ୍ୟୁ ଘଟଣା ଆଠଗଡ଼ ବନାଞ୍ଚଳରେ ହାତୀ ମଡ଼କ ପଡ଼ିଥିବା ଚର୍ଚ୍ଚା ହେଉଛି।

## କିଟ୍ ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତା

# ଶାସ୍ତ୍ରା ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୩୦।୯(ବ୍ୟୁରୋ)**

ଗତ ୨୮ତାରିଖରୁ ଆରମ୍ଭ ହୋଇଥିବା ଷଷ୍ଠ କିଟ୍ ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତା ରବିବାର ଶେଷ ହୋଇଛି। ଏଥିରେ ଚେନ୍ନାଇର ଶାସ୍ତ୍ରା ବିଶ୍ୱବିଦ୍ୟାଳୟ ଲ' ସ୍କୁଲ୍ ଚାମ୍ପିୟନ ହୋଇ ଏକ ଲକ୍ଷ ଟଙ୍କା ଅର୍ଥରାଶି ସହ ଚାମ୍ପିୟନ ଟ୍ରଫି ହାସଲ କରିଛି। ମୁମ୍ବାଇର ଜିଜ୍ଭି ଲ' କଲେଜ ପ୍ରଥମ ରନର୍ସଅପ୍ ହୋଇଥିବାବେଳେ ବାଙ୍ଗାଲୋରର ଖ୍ରୀଷ୍ଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ରନର୍ସଅପ୍ ହୋଇ ଯଥାକ୍ରମେ ୫୦ହଜାର ଓ ୨୫ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ହାସଲ କରିଛନ୍ତି। ଶାସ୍ତ୍ରା ବିଶ୍ୱବିଦ୍ୟାଳୟ ଲ'ସ୍କୁଲ ଛାତ୍ର ବିଶ୍ୱାସ ଭରଦ୍ୱାଜ ଶ୍ରେଷ୍ଠ ଛାତ୍ର ଆଡ୍ଭୋକେଟ ଭାବେ ମନୋନୀତ ହୋଇ ୧୦ହଜାର ଟଙ୍କା ପୁରସ୍କାର ରାଶି ହାସଲ କରିଥିଲେ। ଏଥିରେ ଦେଶରୁ ୪୨ଟି ଲ'ସ୍କୁଲର ଟିମ୍ ଯୋଗଦେଇଥିଲେ। ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ବାନାର୍ଜୀ, ଓଡ଼ିଶା ଆଡ଼ଭୋକେଟ ଜେନେରାଲ ସୂର୍ଯ୍ୟ ମିଶ୍ର, ସୁପ୍ରିମକୋର୍ଟ ଆଡ଼ଭୋକେଟ ସୋମ ଶେଖର ସୁନ୍ଦରେଶନ, ଆଇଆଇଟି ଖଡ଼ଗପୁରର ପ୍ରଫେସର ଇନ୍ଦ୍ରଜିତ ଦୁବେ, କଲିକତାର ଲ' ଫାର୍ମ ସାର୍ଦ୍ଦୁଳ ଅମରଚାନ୍ଦ, ମଙ୍ଗଳଦାସର ସିଦ୍ଧାର୍ଥ ଦତ୍ତ ପ୍ରମୁଖ ବିଚାରପତି ଭାବେ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଓ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସସ୍ମିତାରାଣୀ ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ କିଟ୍ ଲ' ସ୍କୁଲର ନିର୍ଦ୍ଦେଶକ ଡ. ଏନ୍. କେ. ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଦେଇଥିଲେ। ଭବିଷ୍ୟତ ଓକିଲାତି ପେସାରେ ଆଇନ ଛାତ୍ରୀଛାତ୍ରଙ୍କୁ କୁଶଳୀ କରିବା ଉଦ୍ଦେଶ୍ୟରେ ମୁଟ୍ କୋର୍ଟ ପ୍ରତିଯୋଗିତା କିଟ୍ ଲ' ସ୍କୁଲ ପକ୍ଷରୁ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ।




# ଓଡ଼ିଶା ୱେଡିଂ ଏକ୍ସପୋ ଉଦ୍ଯାପିତ

**ଭୁବନେଶ୍ୱର,୩୦।୯**

ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲରେ ଶୁକ୍ରବାରଠାରୁ ଚାଲିଥିବା 'ଓଡିଶା ୱେଡିଂ ଏକ୍ସପୋ ୨୦୧୮'ର ୪ର୍ଥ ସଂସ୍କରଣ ରବିବାର ସଂଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ଏହି ସଂଧ୍ୟାର ଆକର୍ଷଣ ଥିଲା 'ୱେଡିଂ ଫ୍ୟାଶନ ଶୋ'। ଡ୍ରିମ୍ଜ କ୍ରିଏଶନ ଏବଂ ଚାନ୍ଦି ଭଣ୍ଡାରର ମିଳିତ ଆନୁକୂଲ୍ୟରେ ଏହି ଏକ୍ସପୋ ଆୟୋଜନ ହୋଇଥିଲା। ପୂର୍ବାହ୍ନ ୧୧ଟାଠାରୁ ସଂଧ୍ୟା ୯ଟା ପର୍ଯ୍ୟନ୍ତ ଚାଲୁଥିବା ଏକ୍ସପୋକୁ ଲୋକଙ୍କ ପକ୍ଷରୁ ଭଲ ରେସ୍ପନ୍ସ ମିଳିଥିବା ଆୟୋଜକ ପ୍ରକାଶ କରିଛନ୍ତି। ଗୋଟିଏ ଛାତ ତଳେ ବିବାହ ପ୍ରସ୍ତୁତିର ସଲ୍ୟୁଶନ ନେଇ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପଦକ୍ଷେପ ଲୋକଙ୍କୁ ବିବାହ ପ୍ରସ୍ତୁତିରେ ବିଶେଷ ଭାବେ ସୁବିଧା ପ୍ରଦାନ କରୁଥିବା ଜଣାପଡିଛି। ପୂର୍ବରୁ ବର୍ଷକୁ ଗୋଟିଏ ଥର ଏଭଳି ଏକ୍ସପୋ ଆୟୋଜନ କରାଯାଉଥିଲା। ମାତ୍ର ଚଳିତ ବର୍ଷ ଲୋକଙ୍କ ରେସ୍ପନ୍ସକୁ ଦେଖି ୨ଥର ଆୟୋଜନ ହୋଇଛି। ଏହା ଲୋକଙ୍କ ଦ୍ୱାରା ଆଦୃତ ହୋଇଛି। ବିବାହ ଋତୁ ଆସୁଥିବାରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଡ୍ରିମ୍ଜ କ୍ରିଏଶନର ଏମ୍ଡି ପଦ୍ମାଳୟା ରଥ ସୂଚନା ଦେଇଛନ୍ତି। ଚାହିଦାକୁ ନଜରରେ ରଖି ଏକ୍ସପୋରେ ଚଳିତ ବର୍ଷ ୮୦ରୁ ଊର୍ଦ୍ଧ୍ୱ ଷ୍ଟଲ ସ୍ଥାପନ ହୋଇଥିଲା।

ବିବାହ ମଣ୍ଡପ, କ୍ୟାଟରିଂ, ଫୁଲ ସଜ୍ଜା, ନିମନ୍ତ୍ରଣ କାର୍ଡ, ଉପହାର, ଆଲବମ୍ ମେକର, ଫଟୋଗ୍ରାଫର, ଭିଡିଓଗ୍ରାଫି, ବିବାହ ପରାମର୍ଶଦାତା, ମେହେନ୍ଦି ଆର୍ଟିଷ୍ଟ, ମେକ୍ଅପ୍ ଆର୍ଟିଷ୍ଟ, ଡେକୋରେଟର, ଫର୍ନିଚର, ବର କନ୍ୟାଙ୍କ ପୋଷାକ, ଗହଣା, କସ୍ମେଟିକ, ଫ୍ୟାଶନ ଜୁଏଲେରି, ଖାଦ୍ୟପେୟ ସମେତ ଅନ୍ୟାନ୍ୟ ସେଗ୍ମେଣ୍ଟର ଷ୍ଟଲ ଏକ୍ସପୋର ଆକର୍ଷଣ ରହିଥିଲା। ଲୋକମାନେ ବିଭିନ୍ନ ଷ୍ଟଲ ବୁଲିବା ସହ କ୍ରୟ, ଅର୍ଡର, ପରିଦର୍ଶନର ସୁଯୋଗ ଲାଭ କରିଥିଲେ। ବିବାହ ଆୟୋଜନ ପାଇଁ ବିଭିନ୍ନ ସାମଗ୍ରୀ ଓ ସେବା ସମ୍ପର୍କରେ ଅବଗତ ହେବା ସହ ଏଥିସଂକ୍ରାନ୍ତ ଆବଶ୍ୟକତା ପୂରଣ


ଉଦ୍ଯାପନୀ ଦିବସରେ ଏକ ୱେଡିଂ କାର୍ଡ ଷ୍ଟଲକୁ ଗ୍ରାହକ ବୁଲି ଦେଖୁଛନ୍ତି।

### ଏକ୍ସପୋକୁ ଭଲ ରେସପନ୍ସ




ଦ୍ଧି ଗ ଚ ର ୱେଡିଂ ଏକ୍ସପୋ ବିଶେଷ ଭାବେ ସହାୟକ ହେଉଥିବା ଜଣେ ପରିଦର୍ଶନକାରୀ କହିଛନ୍ତି। ଏକ୍ସପୋ ଲାଗି ମିଡିଆ ପାର୍ଟନର ଭାବେ ଧରିତ୍ରୀ ଓ ଓଡିଶା ପୋଷ୍ଟ କାର୍ଯ୍ୟ କରିଥିବା ବେଳେ ସଂଚାଳନ ଦାୟିତ୍ୱରେ ଗୁଞ୍ଜନ କାର୍ଡ, ପ୍ରାୟୋଜକ ଭାବେ ଶୁଭ ଆୟୋଜନ, ଲା ଲାନ୍ସ, ସୁସମ୍ପର୍କ ଭଳି ସଂସ୍ଥା ରହିଛନ୍ତି। ଚଳିତ ବର୍ଷ ହିଲିୟସ ବ୍ରାଣ୍ଡ ଷ୍ଟଲ ସମେତ ଚାନ୍ଦି ଭଣ୍ଡାରର ଏକ ସ୍ୱତନ୍ତ୍ର ଷ୍ଟଲ ମଧ୍ୟ ଏଠାରେ ସ୍ଥାପନ ହୋଇଥିଲା।

## ସେଲ୍ଫି କର୍ଣ୍ଣର

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ metroselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




@ ବିଶାଖା


@ ବାବୁନି


@ ଲିପ୍ସା


@ ଦୀପକ


@ ସଞ୍ଜୟ


@ ବୈଶାଳୀ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)



ଯାହା ହାତରେ ଶାସନ କ୍ଷମତା ଅଛି, ସେ ଯଦି ଖୋସାମଦଠାରୁ ଦୂରରେ ନ ରହିଲା, ତେବେ ସମାଜର ନିଶ୍ଚୟ କ୍ଷତି ହୋଇଯିବ।
- ଜୋନ୍ ଫ୍ଲାଭେଲ୍



## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ
### ବାଲିଅନ୍ତା ଅଞ୍ଚଳରେ ୨୪ ମେଢ଼



ବାଲିଅନ୍ତା,୩୦।୯(ଡି.ଏନ୍.ଏ.): ଚଳିତବର୍ଷ ବାଲିଅନ୍ତା ଥାନା ଅଞ୍ଚଳରେ ୨୪ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇବେ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ରବିବାର ବାଲିଅନ୍ତା ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪ଟି ପୂଜା ମଣ୍ଡପର ୨୭ଜଣ କର୍ମକର୍ତ୍ତା ଯୋଗଦେଇଥିଲେ। ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ବ୍ୟବହାର ନ କରିବା ପାଇଁ ଥାନା ଅଧିକାରୀ ମନୋଜ ସ୍ୱାଇଁ ପୂଜା କମିଟିର ସଭାପତିମାନଙ୍କୁ ପରାମର୍ଶ ଦେଇଥିଲେ। ସବୁଥର ଭଳି ଏଥର ମଧ୍ୟ ପୂଜାର ଭିଡ଼ ନିୟନ୍ତ୍ରଣ ଲାଗି କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବା ଉପରେ ଆଲୋଚନା ହୋଇଥିଲା। ସେହିପରି ସାଜସଜ୍ଜା, ତୋରଣ, ମା'ଙ୍କ ମୃଣ୍ମୟୀ ପ୍ରତିମା, ଭକ୍ତଙ୍କ ଲାଗି ପ୍ରସାଦ ବ୍ୟବସ୍ଥା ଉପରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା।

### ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ
### ପଲିଥିନ ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

ଭୁବନେଶ୍ୱର,୩୦।୯(ବ୍ୟୁରୋ): କମିଶନରେଟ୍ ପୋଲିସ ଅଫିସରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ରବିବାର ପାଳିତ ହୋଇଯାଇଛି। ଓଡିଶା ଅବସରପ୍ରାପ୍ତ କଲ୍ୟାଣ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ କିଭଳି ପରିବେଶକୁ ପଲିଥିନମୁକ୍ତ କରିହେବ ସେଥିଲାଗି କମିଶନର ଗୁରୁତ୍ୱାରୋପ କରିଥିଲେ। ପୋଲିସ କମିଶନର କହିଥିଲେ, ପରିବେଶକୁ ପଲିଥିନ ମୁକ୍ତ କରିବା ଜରୁରୀ। ନ ହେଲେ ଏହା ଆମ ପର ପିଢିକୁ ସମସ୍ୟାରେ ପକାଇବ। ଏହାସହ ପଲିଥିନ ବ୍ୟବହାର ନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ବୈଠକରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକମାନେ ପଲିଥିନ ବ୍ୟବହାର ନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

### ଭାବରଙ୍ଗ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

ଭୁବନେଶ୍ୱର,୩୦।୯(ବ୍ୟୁରୋ): ପଦ୍ମଶ୍ରୀ ପଣ୍ଡିତ ବଳବନ୍ତରାୟ ଭଟ୍ଟ (ଭାବରଙ୍ଗ)ଙ୍କ ୯୮ତମ ଜୟନ୍ତୀ ଉତ୍ସବ ଅବସରରେ ଭାବରଙ୍ଗ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ରବିବାର ୟୁନିଟ-୩ସ୍ଥିତ ବୁଦ୍ଧବିହାର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କର୍ପୋରେଟର ନବକିଶୋର ବେହେରା ଏବଂ ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ସମୀକ୍ଷକ ଦିଲୀପ ହାଲି ଯୋଗଦେଇ ଭଟ୍ଟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ପଣ୍ଡିତ ଡ. ଦାମୋଦର ହୋତା ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କୃଷ୍ଣଚନ୍ଦ୍ର ଦାସ। ପ୍ରାରମ୍ଭିକ ସଭା ପରେ ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମ ଭାବ-ରଙ୍ଗ ରଚିତ ଧ୍ରୁପଦ ଗାୟନରୁ ଆରମ୍ଭ ହୋଇଥିଲା। ରାଗ ଭୂପାଳି ଓ ଚଉତାଳରେ ସ୍ୱରରଙ୍ଗର ଛାତ୍ରୀଛାତ୍ର ଓ ଗୁରୁମାନେ 'ନାଦଦେବ ତୋରେ ଶରଣ ଚାହତେ ହୁଁ' ପରିବେଷଣ କରିଥିଲେ। ଏହାପରେ ଡ. ଦାମୋଦର ହୋତା ପ୍ରସ୍ତୁତ କରିଥିଲେ 'ପଞ୍ଚଦୀପ'। ତ୍ରିତାଲରେ ନିବଦ୍ଧ ଏହି ରଚନାରେ ଭାବରଙ୍ଗ ସୃଷ୍ଟିକୁ ଅତି ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ପରେ ପରେ ସିଂହ ଭୈରବୀ ରାଗ ଏବଂ ଝୁଲା ତାଳରେ ନିବଦ୍ଧ ଉଡ୍ର ପଦ୍ଧତି ସଙ୍ଗୀତ ପରିବେଷଣ କରିଥିଲେ ଗୁରୁ ସୁଶାନ୍ତ କୁମାର ଦଳାଇ ଓ ଲିପ୍ସା ନନ୍ଦା। ସେହିଭଳି ଖେୟାଲ ଗାୟନରେ ସ୍ମିତା ଦାସ, ଗୁରୁ ଡ. ରଘୁନାଥ ସାହୁ, ଗୁରୁ ଅନ୍ତର୍ଯାମୀ ବରାଳ, ପଣ୍ଡିତ ହରିହର ରଥ, ପଣ୍ଡିତ କରୁଣାକର ନାୟକ, କୃଷ୍ଣଚନ୍ଦ୍ର ଦାସ, ଅପର୍ଣ୍ଣ ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗୁରୁ ଜୟଦେବ ଗିରି, ଗୁରୁ ବିଜୟ କୁମାର ଦାସ, ସୁଶାନ୍ତ ଜେନା ପ୍ରମୁଖ ବାଦ୍ୟଯନ୍ତ୍ରରେ ସାହଯୋଗ କରିଥିଲେ।

## ■ ଆସୁଛି ଦୁର୍ଗାପୂଜା
# ଏବେଠୁ ଜଟିଳ ହେଲାଣି ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

### ରାସ୍ତା ଉପରେ ହେଲମେଟ ଚେକିଂ, ଯାତ୍ରୀ ଅତିଷ୍ଠ



ଆଗକୁ ଆସୁଛି ଶାରଦୀୟ ଦୁର୍ଗା ପୂଜା। ଏହି ସମୟରେ ଭୁବନେଶ୍ୱରର ଗଳିକନ୍ଦି ରାସ୍ତାଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାଗୁଡ଼ିକରେ ଜନଗହଳି ଲାଗିରହିବ। ଗାଡି ମୋଟର ସଂଖ୍ୟା ମଧ୍ୟ ବଢିବ। ଭିଡ଼ ନିୟନ୍ତ୍ରଣ କରିବା କମିଶନରେଟ ପୋଲିସ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହେବ। କିନ୍ତୁ ରାସ୍ତାଘାଟଣ ଯେଉଁଭଳି ଅବସ୍ଥା ରହିଛି ସେଥିପାଇଁ ଏବେଠାରୁ ସହରର ଟ୍ରାଫିକ ବ୍ୟବସ୍ଥା ଜଟିଳ ରୂପ ଧାରଣ କଲାଣି। ସାମନ୍ତରାପୁରରୁ କଳ୍ପନା, ରସୁଲଗଡ଼ରୁ କଳ୍ପନା, ରାଜମହଲରୁ ଏଜି ଛକ, ମାଷ୍ଟରକ୍ୟାଣ୍ଟିନ-ବାଣୀବିହାର, ଜୟଦେବ ବିହାରରୁ ପଟିଆ ସମେତ ଅନ୍ୟାନ୍ୟ ମୁଖ୍ୟ ରାସ୍ତାଗୁଡ଼ିକରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ରାସ୍ତା ଖୋଳିଦିଆଯାଇଥିବାରୁ ଗାଡ଼ିମୋଟର ଜାମ୍ ହେଉଛି। ବମିଖାଲ ଓଭରବ୍ରିଜ ନିକଟ ଏକାମ୍ର ହଲ୍ ସମ୍ମୁଖ ରାସ୍ତା, ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ ରାସ୍ତାରେ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଟ୍ରାଫିକ ପରିସ୍ଥିତି ଅଣାୟତ୍ତ ହେଉଛି।

ସକାଳେ ଏବଂ ସନ୍ଧ୍ୟା ସମୟରେ ରାଜମହଲ ଛକରୁ ଏଜି ଛକକୁ ଯିବାକୁ ୪୫ ମିନିଟ ଲାଗୁଛି। ଏହାସହ କମିଶନରେଟ୍ ମୁଖ୍ୟାଳୟରୁ ପଟିଆ ରାସ୍ତାରେ ଅନୁରୂପ ସମସ୍ୟା ଦେଖାଦେଉଛି। ଅନ୍ୟପଟେ କେତେକ ସ୍ଥାନରେ ରାସ୍ତା ଉପରେ ପୋଲିସ ପକ୍ଷରୁ ହେଲମେଟ ଚେକିଂ କରାଯାଉଥିବାରୁ ରାସ୍ତା ଜାମ ହେଉଛି। ହେଲମେଟ୍ ଚେକିଂ କରୁଥିବା ପୋଲିସ କର୍ମଚାରୀମାନେ ରାସ୍ତା ଉପରେ ଛିଡା ହୋଇ ଜଗି ରହୁଛନ୍ତି। ଯଦି କୌଣସି ବ୍ୟକ୍ତି ବିନା ହେଲମେଟରେ ଯାଉଛନ୍ତି ତେବେ କର୍ମଚାରୀମାନେ ମଝିରେ ବାଇକ ଚାଳକଙ୍କୁ ଅଟକାଇ ଚାବି ଛଡାଇ ଆଣୁଛନ୍ତି। ଏହା ମଧ୍ୟ ଟ୍ରାଫିକ ସମସ୍ୟା ସୃଷ୍ଟିର ଅନ୍ୟ ଏକ କାରଣ ପାଲଟୁଛି। ରବିବାର ମଧ୍ୟାହ୍ନରେ ସିଟିଓମେନ୍ସ କଲେଜ ନିକଟରେ ଏଭଳି ପରିସ୍ଥିତି ଉପୁଜିଥିଲା। ବିନା ହେଲମେଟରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଟ୍ରାଫିକ କର୍ମଚାରୀ ହଠାତ ରାସ୍ତା ମଝିରେ ଅଟକାଇ ତାଙ୍କ ବାଇକ୍‌ରୁ ଚାବି କାଢ଼ି ଆଣିଥିଲେ। ଫଳରେ ଉକ୍ତ ବ୍ୟକ୍ତିଙ୍କ ପଛରେ ସ୍କୁଟିରେ ଆସୁଥିବା ଜଣେ ମହିଳା ଭାରସ୍ୟାମ ହରାଇ ତାଙ୍କ ବାଇକ୍ ପଛରେ ପିଟିଥିଲେ। ଅଜିତ ପାଇଟାଳ ନାମକ ସ୍ଥାନୀୟ ବ୍ୟକ୍ତି କୁହନ୍ତି, ପୋଲିସ କେବଳ ଫାଇନ କାଟିବାରେ ବ୍ୟସ୍ତ ରହୁଥିବାବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଉନାହିଁ। ହେଲମେଟ୍ ଯାଞ୍ଚ କରିବା ଭଲ କଥା, କିନ୍ତୁ ତାହା ଠିକ୍ ଢଙ୍ଗରେ ହେବା ଉଚିତ। ପୋଲିସର ଏଭଳି କାର୍ଯ୍ୟଧାରାରେ ଜନସାଧାରଣ ଅତିଷ୍ଠ ହେଉଛନ୍ତି।

ଅପରପକ୍ଷେ ପୂଜାକୁ ଦୃଷ୍ଟିରେ ରଖି କିଭଳି ଟ୍ରାଫିକ୍ ସମସ୍ୟାକୁ ସମାଧାନ କରିହେବ ସେଥିଲାଗି କମିଶନରେଟ ପୋଲିସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଯୋଜନା ଗ୍ରହଣ କରାଯାଇନାହିଁ। ବରଂ ପୂଜାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୂଜା କମିଟିରେ ଥିବା ସ୍ୱେଚ୍ଛାସେବୀମାନଙ୍କ ଉପରେ ଦାୟିତ୍ୱ ଛାଡି ଦିଆଯାଇଛି। ସେମାନେ ପୂଜା ମଣ୍ଡପ ଆଗରେ ଟ୍ରାଫିକ୍ ନିୟନ୍ତ୍ରଣ କରିବେ।

ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ହେଲ୍‌ମେଟ ଯାଞ୍ଚ ବେଳେ ରାସ୍ତା ମଝିରେ ଗାଡ଼ି ଅଟକାଇ ଲୋକଙ୍କୁ ହଇରାଣ ନ କରିବାକୁ କର୍ମଚାରୀଙ୍କୁ କୁହାଯାଇଛି। ଯେଉଁ ଟ୍ରାଫିକ୍ କର୍ମଚାରୀ ଏଭଳି କରୁଛନ୍ତି ସେମାନଙ୍କୁ ତାଗିଦ କରାଯିବ। ଏହାସହ ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ କିପରି କରାଯିବ ନେଇ ଏକ ବୈଠକ ବସିବ। ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଏକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ସେ କହିଛନ୍ତି।




ଉତ୍ସବରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ବଙ୍ଗୀୟ ସଂସ୍କୃତି ଉତ୍ସବ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ବେଙ୍ଗଲିସ୍ ଇନ୍ ଓଡ଼ିଶା ପକ୍ଷରୁ ପ୍ରଥମ ବାର୍ଷିକୀ ବଙ୍ଗୀୟ ସଂସ୍କୃତି ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସଲିଲ ଘୋଷ, ସାଧାରଣ ସମ୍ପାଦକ ପୁଷ୍ପାଙ୍କ ବାନାର୍ଜୀ, କୋଷାଧ୍ୟକ୍ଷ ଗୌତମ ରାୟ, ସଭ୍ୟ ଅମର ସାହା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷତ ହୋଇଥିଲା। ପ୍ରଥମେ ଓଡ଼ିଶାର କଣ୍ଠଶିଳ୍ପୀ ସୀମା ସେନ୍‌ଗୁପ୍ତାଙ୍କ ଦ୍ୱାରା ଉଦ୍‌ବୋଧନୀ ସଙ୍ଗୀତ ପରିବେଶଣ କରାଯାଇଥିଲା। ପରେ ପରେ କଣ୍ଠଶିଳ୍ପୀ ଜଇତା ଚାଟାର୍ଜୀ, ଶୁଭାଶିଷ ଦେ, ରାହୁଲ ମହାନ୍ତି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବେଙ୍ଗଲିସ୍ ଇନ୍ ଓଡ଼ିଶା ସ୍ମରଣିକାକୁ ଇଂ. ମହମ୍ମଦ ମୋକିମ୍ ଉନ୍ମୋଚନ କରିଥିଲେ। ଉତ୍ସବରେ ଶିଶୁ କଳାକର ସମ୍ପର୍କ ଦେଙ୍କ ଦ୍ୱାରା ପ୍ରଦର୍ଶିତ ଯୋଗ ନୃତ୍ୟ ମନ୍ତ୍ରମୁଗ୍ଧ କରିଥିଲା। କୋଲକତାର ବିଶିଷ୍ଟ ସାଉଣ୍ଡ ଇଞ୍ଜିନିୟର ବିଶ୍ୱଜିତ୍ ସେନ୍‌ଗୁପ୍ତା ଶବ୍ଦ ପରିଚାଳନା କରିଥିଲେ।



ସମ୍ପର୍କ ଦେ ଯୋଗ ପ୍ରଦର୍ଶନ କରୁଛନ୍ତି।



କାର୍ଯ୍ୟକ୍ରମରେ ଏମ୍. ସୀମାଦ୍ରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଏମ୍. ସୀମାଦ୍ରିଙ୍କୁ ବାଦ୍ୟ ଭାରତୀ ସମ୍ମାନ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ସଙ୍ଗୀତ ସୁଧାକର ସ୍ମୃତି ସଂସଦ, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ହେରିଟେଜ୍ ଓ ସୁଷମା ସଙ୍ଗୀତ ସଦନ ପକ୍ଷରୁ ରବିବାର ସୁଚନା ଭବନଠାରେ ବାଳକୃଷ୍ଣ ଦାଶ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ସନ୍ଧ୍ୟାକୁ ସଙ୍ଗୀତ ସୁଧାକର ସ୍ମୃତି ସଂସଦର ଉପସଭାପତି ନାରାୟଣ ପ୍ରସାଦ ସିଂହଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା। ଏହି ଅବସରରେ ବଂଶୀବାଦକ ଏମ୍. ସୀମାଦ୍ରିଙ୍କୁ ବାଦ୍ୟ ଭାରତୀ ସମ୍ମାନ-୨୦୧୮ ପ୍ରଦାନ କରାଯାଇଥିଲା। ଏଥିସହିତ ସକାଳେ ବୁଦ୍ଧ ମନ୍ଦିରରେ ଆୟୋଜିତ ରାଜ୍ୟସ୍ତରୀୟ ବାଳକୃଷ୍ଣ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ସଂସ୍କୃତିପ୍ରେମୀ ଡ. କରୁଣାକର ପ୍ରଧାନ, ରୋଟାରୀ କ୍ଲବ ଭୁବନେଶ୍ୱର ହେରିଟେଜ୍‌ର ସଭାପତି ବିଷ୍ଣୁ ମୋହନ ମହାନ୍ତି, ସୁଷମା ସଙ୍ଗୀତ ସଦନର ସଭାପତି ଡି. କେ. ରାୟ, ସଙ୍ଗୀତ ସୁଧାକର ସ୍ମୃତି ସଂସଦର ସଭାପତି ଶାରଦା ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭିକ ସଭା ପୂର୍ବରୁ ଶିଶୁ ପ୍ରତିଭାମାନଙ୍କ ଦ୍ୱାରା ସମବେତ ସଙ୍ଗୀତ ଜଗବନ୍ଧୁ ପରି ଜଣେ ସାମନ୍ତ ପରିବେଷିତ ହୋଇଥିଲା। ଏହା ପରେ ପରେ ଆକାଂକ୍ଷା, ବବିତା ଆଚାର୍ଯ୍ୟ, ନନ୍ଦିନୀ ମହାନ୍ତି, ମିତାଲି ଚିନ୍ନାରା, ଅଶ୍ୱିନୀ ମହାନ୍ତି, ରନ୍ଦୀପ ପାଳିତ୍, ଛନ୍ଦା ମିଶ୍ର, ଲକ୍ଷ୍ମୀକାନ୍ତ ପାଳିତ୍ ଓ ବିଦ୍ୟୁତ୍‌ପ୍ରଭା ପାଳିତ୍ ପ୍ରମୁଖ କଣ୍ଠଶିଳ୍ପୀ ଏକକ ଏବଂ ଦ୍ୱୈତ ଭାବେ ଗୀତ ଗାଇଥିଲେ।

# 'ରଙ୍ଗଭୂମି' ପ୍ରଦର୍ଶନ ସହ ସରିଲା ଆଇଡିଏଫ୍‌ଏଫ୍‌ବି

ଭୁବନେଶ୍ୱର,୩୦।୯(ବ୍ୟୁରୋ)

■ 'ଡାଉନ୍ ଦି ରାବିଟ୍ ହୋଲ୍', 'ଏ ଭେରି ଓଲ୍‌ଡମ୍ୟାନ୍ ୱିଥ୍ ୱିଞ୍ଜ୍‌ଡ ସାଣ୍ଡାଲ୍ସ' ଫିଲ୍ମ ପ୍ରଦର୍ଶିତ
■ ଗୌରୀ ଲଙ୍କେଶଙ୍କ ଜୀବନକୁ ନେଇ ଫିଲ୍ମ 'ନମ ଗୌରୀ'

ଫିଲ୍ମ ସୋସାଇଟି ଅଫ୍ ଭୁବନେଶ୍ୱର (ଏଫ୍‌ଏସ୍‌ବି), ଇଣ୍ଡିଆନ୍ ଫାଉଣ୍ଡେଶନ ଅଫ୍ ଦି ଆର୍ଟ(ଆଇଏଫ୍‌ଏ), ବିକଳ୍ପ ଏବଂ କେରଳ ଚଳଚ୍ଚିତ୍ର ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୦ମ ଇଣ୍ଡିଆନ୍ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଭୁବନେଶ୍ୱର(ଆଇଡିଏଫ୍‌ଏଫ୍‌ବି) ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପୀ ଏହି ଚଳଚ୍ଚିତ୍ର ମହୋତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମ୍‌ଠାରେ ଚାଲିଥିଲା। ମହୋତ୍ସବର ଉଦ୍‌ଯାପନୀ ଦିବସରେ ପ୍ରଥମ ଫିଲ୍ମ ପ୍ରଦର୍ଶନ ଥିଲା ହେମନ୍ତ ଗବାଙ୍କ ଫିଲ୍ମ 'ଆନ୍ ଇଞ୍ଜିନିୟର୍ଡ ଡ୍ରିମ୍'। କୋଟା ସହର ଓ ଏଠାରେ ଥିବା ଏକାଧିକ କୋଚିଂ ସେଣ୍ଟର ପଛର ରହସ୍ୟକୁ ଫିଲ୍ମ ମାଧ୍ୟମରେ ଦେଖାଇବାର ପ୍ରଚେଷ୍ଟା କରିଥିଲେ ନିର୍ମାତା। ହଜାର ହଜାର ଭାରତୀୟ ଯୁବପିଢ଼ିଙ୍କୁ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖାଉଥିବା ଏହି ସହରର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ମଧ୍ୟ ଫିଲ୍ମରେ ଦେଖିବାକୁ ମିଳିଥିଲା।

ଫିଲ୍ମ ନିର୍ମାତା ଏକତା ମିତଲଙ୍କ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର 'ଡାଉନ୍ ଦି ରାବିଟ୍ ହୋଲ୍' ଓ ଯଶସ୍ୱିନୀ ରଘୁନନ୍ଦନଙ୍କ 'ଏ ଭେରି ଓଲ୍‌ଡମ୍ୟାନ୍ ୱିଥ୍ ୱିଞ୍ଜ୍‌ଡ ସାଣ୍ଡାଲ୍ସ' ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଜଣାଶୁଣା ଚଳଚ୍ଚିତ୍ର ନିର୍ମାତା ପୂଜା କୌଲଙ୍କ 'ରସିକାନ୍ ରେ'କୁ ରାଗମାଳା ଆଧାରରେ ପ୍ରଦର୍ଶନ କରାଯାଇଥିଲା। ଜଣେ ଯୁବତୀ ଓ ଜଣେ ବୃଦ୍ଧଙ୍କ ମଧ୍ୟରେ ଥିବା ଆକର୍ଷଣ ଏବଂ ପ୍ରେମର ସମ୍ପର୍କକୁ ଏଥିରେ ଦେଖିବାକୁ ମିଳିଥିଲା। ଏହାପରେ ମହାଭାରତର ନଳ-ଦମୟନ୍ତୀ ଚରିତ୍ରକୁ ନେଇ ପହରୀ ପରମ୍ପରା ଆଧାରରେ କ୍ଷୁଦ୍ର ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ସାମ୍ବାଦିକା ଗୌରୀ ଲଙ୍କେଶଙ୍କ ଜୀବନକୁ ନେଇ ଫିଲ୍ମ 'ନମ ଗୌରୀ', କଶ୍ମୀରର ବହୁଚର୍ଚ୍ଚିତ ର୍‌ୟାପର୍ ଏମ୍‌ସି କାସ୍‌ଙ୍କ ଜୀବନକୁ ନେଇ 'ଏମ୍‌ସି କାସ୍' ଓ ଶାଶ୍ୱତୀ ତାଲୁକଦାରଙ୍କ 'ୱାଲ୍ ଷ୍ଟୋରିଜ୍' ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହର ଶେଷ ଫିଲ୍ମ ଥିଲା ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା କମଲ ସ୍ୱରୂପଙ୍କ 'ରଙ୍ଗଭୂମି'। ଦାଦା ସାହେବ ଫାଲ୍‌କେଙ୍କ ଜୀବନ ଉପରେ ଆଧାରିତ ଏହି ଫିଲ୍ମ ୨୦୧୩ରେ ନନ୍-ଫିଚର ଫିଲ୍ମ ବିଭାଗରେ ଜାତୀୟ ପୁରସ୍କାର ପାଇଥିଲା।

# ସଂଗ୍ରାମୀ ଥିଲେ, ବୀର ଥିଲେ,
# କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ !!

ଡ. ସୁରେନ୍ଦ୍ର କୁମାର ମିଶ୍ର






ବକ୍ସିଙ୍କୁ ଦିଆଯାଇଥିବା ରାଜକୀୟ ଚିହ୍ନ।

ଗତ ସଂଖ୍ୟାରେ 'ଗଜପତି ଇଂରେଜ ସରକାରଙ୍କୁ ଲେଖିଥିବା ଚିଠି' ଶୀର୍ଷକ ଆଲୋଚନା ପ୍ରକାଶ ପାଇଥିଲା। ସେଥିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ ହେଲା ଐତିହାସିକ ବି.ସି. ରାୟଙ୍କର 'ବକ୍ସି ଜଗବନ୍ଧୁ ପୁସ୍ତକ' ଯେଉଁଥିରେ ୧୮୦୪ ମସିହା ଯୁଦ୍ଧରୁ ବକ୍ସି ଜଗବନ୍ଧୁ ଦୂରେଇ ରହିବାର କାରଣକୁ ସେ ନିଜର ମତାମତ ଦେଇ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। କାରଣ ସେ ଯାହା ମତ ଦେଇଛନ୍ତି, ତାହା ବକ୍ସିଙ୍କଠାରୁ ସେ ଶୁଣିନାହାନ୍ତି କିମ୍ବା ସେତେବେଳର ପରିସ୍ଥିତି ଆଖିରେ ଦେଖିନାହାନ୍ତି। ସମ୍ଭାବନା କରିଛନ୍ତି- ଏକ ବୃହତ୍ ଶକ୍ତି ସହିତ ମୁକାବିଲା କରିବା ଅପେକ୍ଷା ଜଗବନ୍ଧୁ ଦୂରେଇ ରହିବା ଓ ସାବଧାନତା ଅବଲମ୍ବନ କରିବା ଲକ୍ଷ୍ୟ କରାଯାଏ।

ଐତିହାସିକ ବି.ସି. ରାୟଙ୍କର ସମ୍ପୂର୍ଣ୍ଣ ନାମ ଡ. ଭବାନୀ ଚରଣ ରାୟ। ୧୮୦୪ ମସିହା ଯୁଦ୍ଧରେ ବକ୍ସିଙ୍କ ଅନୁପସ୍ଥିତି ସମ୍ବନ୍ଧରେ ଆମେ ତାଙ୍କ ମତ ପଢ଼ିଲେ। ସ୍ପଷ୍ଟ ହେଲା ୧୮୦୪ ଯୁଦ୍ଧରେ ବକ୍ସିଙ୍କର କୌଣସି ଭୂମିକା ନ ଥିଲା। ଡ. ରାୟ ଅନ୍ୟତ୍ର ଲେଖିଛନ୍ତି- ଭାରତର ସ୍ୱାଧୀନତା ସଂଗ୍ରାମ ପୂର୍ବରୁ ସମସ୍ତେ ସଂଗ୍ରାମୀ ଥିଲେ। ବୀର ଥିଲେ, ମାତ୍ର ସ୍ୱାଧୀନତା ସଂଗ୍ରାମୀ ନ ଥିଲେ। ଯେ ଏପରି ଏକ ଗୋଳମାଳିଆ ଉପସ୍ଥାପନା ଯେ ଆମେ ଆମ ବିଚାରବୋଧରେ ବୁଝିପାରୁନୁ। ବୁଝିପାରୁନୁ କି ବୁଝାପଡୁନି ତାହା ବି ଆମକୁ ସଂକ୍ରମିତ କରୁଛି। ପୁଣି ସେ ଲେଖିଛନ୍ତି- ୧୮୧୭ ମସିହାରେ ସ୍ୱାଧୀନତା ସଂଗ୍ରାମ ହୋଇଥିଲା। ସ୍ୱାଧୀନତା ସଂଗ୍ରାମ ତ ହେଲା ! ପାଇକ ବିଦ୍ରୋହର ସମସ୍ତ ଛାମୁଆ ପାଇକ ବୀର ସ୍ୱାଧୀନତା ସଂଗ୍ରାମୀ କିପରି ନ ଥିଲେ ? ପୂର୍ବରୁ ଲେଖିଛନ୍ତି- ଖୋର୍ଦ୍ଧା ରାଜା ଓ ବ୍ରିଟିଶ୍ ସରକାର ମଧ୍ୟରେ ଏଭଳି ଏକ ଜୀବନ-ମରଣ ଯୁଦ୍ଧ (୧୮୦୪ ମସିହା)ରେ ସେନାମୁଖ୍ୟ ଭାବରେ ଜଗବନ୍ଧୁଙ୍କର ଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ସମୀଚୀନ ଥିଲା। ଏଇଠି ଆମର ବିଚାରବୋଧ ଗୋଳମାଳିଆ ଧରୁଛି। ବ୍ରିଟିଶ୍ ସରକାର ବିରୋଧରେ ପତାକା ଧରି ଜିନ୍ଦାବାଦ ଧ୍ୱନି ଦେବା ଲୋକେ ତ ସ୍ୱାଧୀନତା ସଂଗ୍ରାମୀ, ତେବେ ସେଇ ବ୍ରିଟିଶ୍ ସରକାର ବିରୋଧରେ ଜୟୀ ରାଜଗୁରୁ ଓ ତାଙ୍କ ଡାକରାରେ ଯୁଦ୍ଧରେ ଯୋଗ ଦେଇଥିବା ପାଇକ ବୀରମାନେ କିପରି ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି ? ଜୀବନ-ମରଣ ଯୁଦ୍ଧରେ ଯେଉଁ ପାଇକ ବୀରମାନେ ଜୀବନକୁ ବାଜି ଲଗେଇ ୧୮୦୪ ମସିହାରେ ଲଢ଼ିଥିଲେ ସେମାନେ କେମିତି ସ୍ୱାଧୀନତା ସଂଗ୍ରାମୀ ହେବେ ନାହିଁ। ସେନାପତି ଜୟୀ ରାଜଗୁରୁଙ୍କୁ ସେଇ ବ୍ରିଟିଶ୍ ସରକାର ବିଚାର କରି ଅମାନବିକ ଫାଶୀ ଦେଲେ ସେ କେମିତି ସ୍ୱାଧୀନତା ସଂଗ୍ରାମୀ ହେବେ ନାହିଁ! 'ଭାରତ ଛାଡ଼' ଡାକରାରେ ଯେଉଁମାନେ ଯୋଗଦେଲେ ସେମାନେ ସ୍ୱାଧୀନତା ସଂଗ୍ରାମୀ। ଅଥଚ 'ଓଡ଼ିଶା ଛାଡ଼' ଡାକରାରେ ଯେଉଁ ସେନାପତି ଓ ବୀର ପ୍ରାଣ ଦେଲେ ଦେଶ ପାଇଁ, ଆଉ ଅକର୍ମଣ୍ୟ ହୋଇ ଯେଉଁ ବୀର ପାଇକମାନେ ଜୀବନସାରା ଉହଳ-ବିକଳ ପରିସ୍ଥିତିକୁ ସାମନା କଲେ, ସେମାନେ କେମିତି ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି ? ସଂଗ୍ରାମୀ ଥିଲେ, କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ, ଯଦି ଆମେ ଏପରି କହିବା ତେବେ ଜାତୀୟ ସ୍ତରରେ ଆମ ଦାବି ବଳିଷ୍ଠ ହୋଇ ଇତିହାସରେ ସ୍ୱୀକୃତ ହୋଇଥାନ୍ତା କେମିତି!! ଆମ ଇତିହାସରେ ଏଇ ଦୟନୀୟ ବିଚାରଧାରା ଓଡ଼ିଶାର ଗୌରବମୟ ଐତିହ୍ୟକୁ ଅଣଆଡ଼ିଆ କରି ଦେଇଛି। ସିପାହି ବିଦ୍ରୋହରେ ସମସ୍ତେ ସ୍ୱାଧୀନତା ସଂଗ୍ରାମୀ ହେଲେ। ଆଉ ଆମ ୨୩ ବର୍ଷର ଯୁଦ୍ଧରେ ଆମେ ଲେଖିଦେଲେ ସଂଗ୍ରାମୀ ଥିଲେ କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ!!

ପୂର୍ବରୁ ଆମେ ଡ. ରାୟଙ୍କର ଏକ ସ୍ୱୀକାରୋକ୍ତି ଲେଖିଥିଲୁ। ତାହା ହେଲା 'ବ୍ରିଟିଶ୍ କିମ୍ବା ଦେଶୀୟ ନଥିପତ୍ରରେ ସେଇ ଯୁଦ୍ଧରେ (୧୮୦୪ ମସିହା) ଲିପ୍ତ ରହିବା କଥାର ଚିହ୍ନବର୍ଣ୍ଣ ନାହିଁ'। ସେଇ ପ୍ରସଙ୍ଗରେ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକର ବର୍ଣ୍ଣନାକୁ ଆମେ ଆଲୋଚନା କରୁଅଛୁ। ସରକାରୀ ନଥିପତ୍ରରେ ଏହାର ଚିହ୍ନବର୍ଣ୍ଣ ଅଛି କି ନା! ଯଦି ଅଛି ତେବେ କେମିତି ଅଛି ? ଯାକୁ ଆମେ ତୁଳନା କଲେ ସରକାରୀ ଦସ୍ତାବିଜରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳେ। ନଥିପତ୍ରରୁ ଜଣାଯାଏ ୧୮୦୪ ମସିହା ବେଳେ ବକ୍ସି ଜଗବନ୍ଧୁ ଏକ ସାଧାରଣ ଲୋକ ଥିଲେ। ନିର୍ଦ୍ଦିଷ୍ଟ କେତେକ ପାରିବାରିକ ସମସ୍ୟା ହେତୁ ତାଙ୍କର ପ୍ରକୃତ ସେବା କ୍ଷେତ୍ରରେ ସେ ନ ଥିଲେ। କଟକ ଜିଲାପାଳ ଟ୍ରୋୟାର ରାଜସ୍ୱ-ପରିଷଦ କାର୍ଯ୍ୟକାରୀ ସମ୍ପାଦକ ଜେ.ପି.ୱାର୍ଡ଼ଙ୍କ ନିକଟକୁ ତା ୨୩.୫.୧୮୧୭ ମସିହାରେ ପଠାଇଥିବା ପତ୍ରରେ କିଲ୍ଲା ରୋଡଙ୍ଗ ଏବଂ ଜଗବନ୍ଧୁଙ୍କ ସମ୍ପର୍କରେ ତଥା ସେତେବେଳର



କିଲ୍ଲା ରୋଡ଼ଙ୍ଗର ବୈଠକୀ ଘର।

ପରିସ୍ଥିତି ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ଆମକୁ ମିଳିଥାଏ। ସେ ଚିଠିରେ ଲଖିଛନ୍ତି- ହସ୍ତାନ୍ତରିତ ହୋଇଥିବା ଏକ ପ୍ରଗଣାର ଅଂଶ ହେଲା କିଲ୍ଲା ରୋଡଙ୍ଗ। ଏହା ଜଗବନ୍ଧୁଙ୍କ ପୂର୍ବପୁରୁଷଙ୍କର। ଯେଉଁମାନେ କି ଖୋର୍ଦ୍ଧା ରାଜାଙ୍କର ବଂଶାନୁକ୍ରମିକ 'ବକ୍ସି' ଥିଲେ। ପରବର୍ତ୍ତୀ ପ୍ରଗଣା ହସ୍ତାନ୍ତର ସମୟରେ ସେମାନେ ମଧ୍ୟ ଜମିଦାରି ସୂତ୍ରରେ କିଲ୍ଲା ରୋଡଙ୍ଗର ଦଖଲରେ ଥିଲେ। ସେତେବେଳର ଦଖଲଦାର ଥିଲେ ଜଗବନ୍ଧୁଙ୍କର ଦାଦା। ତାଙ୍କ ସହିତ ଜଗବନ୍ଧୁଙ୍କର କଳହର ସୂତ୍ରପାତ ହେବାରୁ ଜଗବନ୍ଧୁ ତାଙ୍କୁ ହତ୍ୟା କରିଥିଲେ ଏବଂ ଦଣ୍ଡରୁ ରକ୍ଷା ପାଇବା ନିମନ୍ତେ ପଳାୟନ କରିଥିଲେ। ଫଳସ୍ୱରୂପ ମୁଁ ମନେକରେ ଉକ୍ତ ସମ୍ପତ୍ତି ସରକାରୀ ଦଖଲକୁ ଫେରି ଆସିଥିଲା। ଏଥିରୁ ସ୍ପଷ୍ଟ ଯେ ଦାଦା-ପୁତୁରାଙ୍କ କଳହ, ଦାଦାଙ୍କୁ ହତ୍ୟା ଏବଂ ଦୃଶ୍ୟପଟରୁ ଜଗବନ୍ଧୁଙ୍କର ଅନ୍ତର୍ଦ୍ଧାନ ରୋଡଙ୍ଗ ସମ୍ପତ୍ତି ଦଖଲ ନିମନ୍ତେ ସେ ସମୟର ଶାସକ ଅର୍ଥାତ୍ ମରହଟ୍ଟାମାନଙ୍କୁ ସୁବିଧା ଯୋଗାଇ ଦେଲା। ଏଥିରୁ ଆମେ ଜାଣୁଛେ ମରହଟ୍ଟା ଶାସନ ସମୟରୁ ଜଗବନ୍ଧୁ ସମାଜର ମୁଖ୍ୟ ସ୍ରୋତରେ ନ ଥିଲେ। ସେ ପୁଣି ଲେଖିଛନ୍ତି- ବ୍ରିଟିଶ୍‌ମାନେ ଓଡ଼ିଶା ଦଖଲ କଲାବେଳେ ଜଗବନ୍ଧୁ ସ୍ୱତନ୍ତ୍ର ସମ୍ମାନ ବିନା ଜଣେ ସାଧାରଣ ନାଗରିକ ଥିଲେ। ମାନ୍ୟବର ଗଭର୍ନର ଜେନେରାଲଙ୍କୁ ଆର.ରକ୍ ଓ ଡବ୍ଲ୍ୟୁ ଓରଟନ୍ ସାଲମନ୍ ରାଜସ୍ୱ ପରିଷଦ ତା ୩.୬. ୧୮୧୭ରେ ଜଗବନ୍ଧୁଙ୍କ ବିଷୟରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ କରିଥିବାର ଦେଖାଯାଏ- 'ହତ୍ୟାର ଫଳସ୍ୱରୂପ ମରହଟ୍ଟା ଶାସନ ସମୟରେ ଏକଦା ସେ ପଳାତକ ଘୋଷିତ ହୋଇଥିଲେ। ଯଦି ବା ସେ ଦୋଷୀ ସାବ୍ୟସ୍ତ ହୋଇ ନ ଥିଲେ, ତଥାପି ମରହଟ୍ଟା ଶାସକ ତାଙ୍କୁ ପଳାତକ ଘୋଷଣା କରି ତାଙ୍କର ସମ୍ପତ୍ତି ବାଜ୍ୟାପ୍ତି କରି ଦେଇଥିଲେ। କିଭଳି ପରିସ୍ଥିତିରେ ସେ ପୁଣି ସମାଜକୁ ଫେରିଲେ ଓ କିଲ୍ଲା ରୋଡଙ୍ଗ ଦଖଲ କରି ରହିଲେ ତାହାର ବର୍ଣ୍ଣନା ନାହିଁ। କିନ୍ତୁ ଏହା ମନେ କରାଯାଇପାରେ ଯେ କିଲ୍ଲା ରୋଡଙ୍ଗ ପୁନର୍ଦଖଲ ପରେ ମଧ୍ୟ ସେ ଜଣେ ପଦବୀବିହୀନ, ସାଥୀବିହୀନ ତଥା ଜଣେ ଦାବିଦାରବିହୀନ ବେସରକାରୀ ବ୍ୟକ୍ତି ଥିଲେ। ବାସ୍ତବ କଥା ହେଉଛି ୧୮୦୩ ମସିହାରେ କର୍ନେଲ ହାରକୋର୍ଟ ପୁରୀ ଦଖଲ ଅଭିଯାନ କଲାବେଳେ ବଶ୍ୟତାସ୍ୱୀକାର କରିବା ପାଇଁ ଯେତେଜଣ ବ୍ୟକ୍ତି ଇଚ୍ଛାପ୍ରକାଶ କରିଥିଲେ ସେମାନଙ୍କ ମଧ୍ୟରେ ଜଗବନ୍ଧୁ ଥିଲେ ଅନ୍ୟତମ। ସେ ମଧ୍ୟ ହାରକୋର୍ଟଙ୍କ ଲକ୍ଷ୍ୟ ହାସଲ ନିମନ୍ତେ ସବୁପ୍ରକାର ସହାୟତା ପ୍ରଦାନ କରିଥିଲେ।



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।

-ପର୍ଲ ଏସ୍. ବକ୍



## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ

**ଭୁବନେଶ୍ୱର, ୩୦।୯(ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା କଳ୍ପନା ଛକ ନିକଟରେ ରବିବାର ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଛି। ରାତି ପ୍ରାୟ ୭ଟାରେ ଯୁବତୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କଳ୍ପନାରୁ ଲକ୍ଷ୍ମୀସାଗର ଆଡ଼କୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ରଙ୍ଗ୍‌ରୁଟ୍‌ରେ ବାଇକ୍‌ରେ ୩ ଯୁବକ ଆସି ଯୁବତୀଙ୍କୁ ଅସଦାଚରଣ କରିଥିଲେ। ତାଙ୍କ ପୁରୁଷ ବନ୍ଧୁ ଓ ସ୍ଥାନୀୟ ଲୋକେ ୨ ଯୁବକଙ୍କୁ କାବୁ କରି ମାଡ଼ ମାରିଥିଲେ। ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଖବର ପାଇ ପିସିଆର ଭ୍ୟାନ ପହଞ୍ଚି ଯୁବକଦ୍ୱୟଙ୍କୁ ଥାନାକୁ ନେଇଥିଲା। ତେବେ ଯୁବତୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରା ନ ଯିବାରୁ ପୋଲିସ ସେମାନଙ୍କଠାରୁ ଜରିମାନା ଆଦାୟ କରି ଛାଡ଼ିଦେଇଥିଲା।

# ଚାକିରି ପାଇଁ ଡକାଇ ଘରେ ତାଲା ପକାଇଲେ

■୨ ଯୁବକ ଉଦ୍ଧାର, ଅଭିଯୁକ୍ତ ଗିରଫ

■ଛଡ଼ାଇ ନେଇଥିବା ୭୦ ହଜାର ଜବତ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ରେଲୱେରେ ଚାକିରି କରାଇଦେବା ଆଳରେ ୨ ଯୁବକଙ୍କୁ ଭୁବନେଶ୍ୱର ଡକାଇଲେ। ପରେ ସେମାନଙ୍କଠାରୁ ୭୦ ହଜାର ଟଙ୍କା ଲୁଟିନେବା ସହିତ ନିଜ ଘରେ ତାଲା ପକାଇଦେଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ପୋଲିସ ଯୁବକଦ୍ୱୟଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତ ଜଣକ ହେଲେ ନୟାପଲ୍ଲୀ ଆଇଆରସି ଭିଲେଜ ଏନ-୫ରେ ରହୁଥିବା ଅକ୍ଷୟ କୁମାର ଜେନା(୪୪)।

ସୂଚନା ମୁତାବକ, ଫୁଲବାଣୀ ଟାଉନରେ ରହୁଥିବା ରାଜା ମହାନନ୍ଦ ତାଙ୍କ ସମ୍ପର୍କୀୟ ଭାଇ ରାଜୁ ଚୌଧୁରୀଙ୍କ ଜରିଆରେ ଅକ୍ଷୟଙ୍କ ସହ ପରିଚିତ ହୋଇଥିଲେ। ରାଜୁ ଫୁଲବାଣୀର ଏକ ହୋଟେଲରେ କାମ କରୁଥିବାବେଳେ ଅକ୍ଷୟଙ୍କ ସହ ପରିଚୟ ହୋଇଥିଲା। ଅକ୍ଷୟଙ୍କର ରେଲୱେରେ ଚିହ୍ନା ପରିଚୟ ଥିବାରୁ ଅନେକ ଆଶାୟୀ ପ୍ରାର୍ଥୀଙ୍କର ରେଲୱେ ଗ୍ରୁପ ଡି ଚାକିରି କରାଇଦେଇଥିବା ରାଜାଙ୍କୁ କହିଥିଲେ। ୩ ଲକ୍ଷ ଟଙ୍କା ଦେଲେ ଚାକିରି ସୁନିଶ୍ଚିତ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ରାଜୁ ଓ ରାଜା ଅଗ୍ରିମ ୭୦ ହଜାର ଟଙ୍କା ଧରି ଶନିବାର ଅପରାହ୍ନରେ ଭୁବନେଶ୍ୱରର ନୟାପଲ୍ଲୀରେ ପହଞ୍ଚିଥିଲେ। ଅକ୍ଷୟ ଉଭୟଙ୍କୁ ଏନ-୫ସ୍ଥିତ ପ୍ଲଟ ନମ୍ବର ୪୫୧ରେ ଥିବା ଘରକୁ ନେଇଯାଇଥିଲେ। ସେଠାରେ ସେମାନଙ୍କଠାରୁ ମୋବାଇଲ ଓ ଟଙ୍କା ନେଇଯିବା ପରେ ଘର ଭିତରେ ଉଭୟଙ୍କୁ ତାଲା ପକାଇଦେଇଥିଲେ। ରାତି ୧୧ଟା ବେଳକୁ ଅକ୍ଷୟ ଫେରି ସେମାନଙ୍କ ମୋବାଇଲ ଫେରାଇବା ସହ ଆଉ ୩୦ ହଜାର ମାଗିବାକୁ ଧମକ ଦେଇଥିଲେ। ଏପରିକି ରାଜାଙ୍କ ପକେଟରେ ଥିବା ୧ହଜାର ଟଙ୍କା ମଧ ନେଇଯାଇଥିଲେ। ରାଜା ଆଉ କିଛି ସମୟ ମାଗିବା ସହିତ ପୋଲିସ କଣ୍ଟ୍ରୋଲ ରୁମକୁ ଫୋନ କରି ଜଣାଇଥିଲେ। ଫୋନ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିବା ସହ ଘଟଣାସ୍ଥଳରୁ ଅଭିଯୁକ୍ତ ଅକ୍ଷୟଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ୭୦ ହଜାର ୫୦୦ଟଙ୍କା ଜବତ କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା(୪୩୮/୧୮)ରୁଜୁକରିରବିବାର ଅକ୍ଷୟଙ୍କୁ କୋର୍ଟ ଚାଲାଣ କରିଛି।

■ସରକାରୀ ଜାଗା କିଣିବା କାଳ ହେଲା

# ଟଙ୍କା ଦେଇ ନ ପାରି ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ସରକାରୀ ଜମି କିଣିବା ଜଣେ ଯୁବକଙ୍କ ପାଇଁ କାଳ ହେଲା। ଜାଗା ବାବଦକୁ ଟଙ୍କା ଦେଇ ନ ପାରି ମାନସିକ ଚାପରେ ଶେଷରେ ସେ ଆତ୍ମହତ୍ୟା କରିଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅରବିନ୍ଦନଗର ବସ୍ତିରେ ଏଭଳି ଘଟଣା ଘଟିଛି। ଆତ୍ମହତ୍ୟା କରିଥିବା ଯୁବକ ହେଲେ ରୁଦ୍ରନାରାୟଣ ସାହୁ(୩୫)। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏହା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ରୁଦ୍ରନାରାୟଣ ଏକ ସରକାରୀ ଜମି କିଣିଥିବା ବେଳେ ବାକି ଟଙ୍କା ଦେଇ ନ ପାରିବାରୁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ରୁଦ୍ରନାରାୟଣ ପରିବାର ସହ ଉକ୍ତ ବସ୍ତିରେ ରହି ମଜୁରିଆ ଭାବେ କାମ କରନ୍ତି। ତାଙ୍କର ଦୁଇଟି ଝିଅ ଅଛନ୍ତି। ଗତ କିଛିଦିନ ହେବ ଉକ୍ତ ବସ୍ତିର ଜଣେ ବ୍ୟକ୍ତିଙ୍କଠାରୁ ଏକ ସରକାରୀ ଜାଗା କିଣିଥିଲେ। ପ୍ରଥମେ ସେ ଜମି ବାବଦକୁ କିଛି ଟଙ୍କା ଦେଇଥିବା ବେଳେ ଆଉ କିଛି ଟଙ୍କା ବାକି ରହିଥିଲା। ବାକି ଟଙ୍କାକୁ ନେବା ପାଇଁ ଜମି ମାଲିକ ସବୁବେଳେ ତାଙ୍କ ଘରକୁ ଆସୁଥିଲେ। ଏପରିକି ସେ ଆଉ କିଛି ଟଙ୍କା ଋଣ କରିଥିଲେ। ଟଙ୍କା ଫେରସ୍ତ କରିପାରୁ ନ ଥିବାରୁ ସେ କିଛିଦିନ ହେବ ମାନସିକ ଚିନ୍ତାରେ ରହୁଥିଲେ। ଶେଷରେ ରବିବାର ମଧ୍ୟାହ୍ନରେ ସ୍ତ୍ରୀ ଓ ପିଲାମାନେ ଘରେ ନ ଥିବାବେଳେ ରୁଦ୍ରନାରାୟଣ ଘର ଭିତରୁ କବାଟ ଦେଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଘରକୁ ସ୍ତ୍ରୀ ଫେରିବା ପରେ କବାଟ ବନ୍ଦଥିବା ଦେଖିଥିଲେ। ସେ ଝରକା ବାଟେ ଚାହିଁବାରୁ ସ୍ୱାମୀ ରଶିରେ ଝୁଲୁଥିବା ଦେଖିଥିଲେ। ଖବର ପାଇଁ ପୋଲିସ ପହଞ୍ଚି ଝୁଲନ୍ତା ଅବସ୍ଥାରେ ରୁଦ୍ରନାରଣୟଙ୍କ ମୃତଦେହ ଜବତ କରିଥିଲା।

# ‘ନୂଆ ଲେଖକଙ୍କ ପାଇଁ ଅନେକ ଆହ୍ୱାନ’

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ସାହିତ୍ୟରେ ମନୋନିବେଶ କରୁଥିବା ନୂତନ ଲେଖକଙ୍କ ନିମନ୍ତେ ଏକାଧିକ ଆହ୍ୱାନ ରହିଛି। ଏହାକୁ ସେମାନେ ସମ୍ମୁଖୀନ ହେବାର ଆବଶ୍ୟକତା ଅଛି। ଆହ୍ୱାନଗୁଡ଼ିକ ବାବଦରେ ପ୍ରଯତ୍ନ ଓ ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ ବୋଲି ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେଶନରେ ମତପ୍ରକାଶ ପାଇଛି। ଶନିବାର କୃଷକ ସମାଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ବାରିକ ଆଲୋଚକ ଭାବେ ଯୋଗଦେଇ ‘ନୂଆ ଲେଖକଙ୍କ ଆଗରେ ଆହ୍ୱାନ’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଆମ ସାହିତ୍ୟର ପରମ୍ପରା ପ୍ରତି ଦୃଷ୍ଟି, ସୃଜନଶୀଳ ନିଷ୍ଠା, ନୂତନ ବିଷୟର ଅନ୍ୱେଷଣ, ପାଠକଙ୍କ ନିକଟତର ହେବା ପାଇଁ ପ୍ରଚେଷ୍ଟା, ପ୍ରକାଶକୀୟ ପ୍ରୋତ୍ସାହନ ଆଦି ଦିଗଗୁଡ଼ିକ ଉପରେ ବିଶେଷ ଦୃଷ୍ଟି ନ ଦେଲେ ନୂଆ ଲେଖକମାନେ ସେମାନଙ୍କ ସାହିତ୍ୟିକ ଯାତ୍ରାରେ ବିଶେଷ ଭାବରେ ସଫଳତା ଅର୍ଜନ କରିପାରିବେ ନାହିଁ ବୋଲି ଡ. ବାରିକ କହିଥିଲେ। ଅନୁଷ୍ଠାନର ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ଉପସଭାପତି କବି ରକ୍ଷକ ନାୟକ, ବିରଞ୍ଚି ଶତପଥୀ, ମୀନାକ୍ଷୀ ସିଂହ ଓ ଅଧ୍ୟାପକ ଆଭାସ ବରାଳ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ମାନିନୀ ମିଶ୍ର ଏ ମାସର ଅତିଥି କବି ଭାବେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପୂରବୀ ଶତପଥୀ, କୁମୁଦିନୀ ଜୀ, ବିଧୁଭୂଷଣ ତ୍ରିପାଠୀ, ମିହିର କାନ୍ତି ଦାସ, ଅଶୋକ କୁମାର ସିଂହ, ସବିତା ଶତପଥୀ, ସୁଶୀଲ ବାଗ୍, ଦିଲ୍ଲୀପ ବେହୁରା ଓ ସୁଧୀର ମଉଡ଼ମଣୀ କବିତା ପାଠ କରିଥିଲେ। କବିତା ପାଠ ପର୍ଯ୍ୟାୟରେ ମିନତି ମିଶ୍ର ସଂଯୋଜନା କରିଥିବାବେଳେ ଶେଷରେ ଶତ୍ରୁଜିତ୍ ଧନ୍ୟବାଦ ଦେଇଥିଲେ।




ପୁରୀ ରୋଟାରୀ କ୍ଲବ ଓ ଇନରହୁଇଲ୍ କ୍ଲବ ପକ୍ଷରୁ ରବିବାର ସ୍ଥାନୀୟ ରୋଟାରୀ କ୍ୟୁମ୍ୟୁନିଟି ସେଣ୍ଟରଠାରେ ପଲିଥିନ ବର୍ଜନ ପାଇଁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିପ୍ରକାଶ ଦାଶ ଏବଂ ରୋଟାରୀ କ୍ଲବ ସଦସ୍ୟମାନେ କପଡ଼ା ବ୍ୟାଗ ପ୍ରଦର୍ଶନ କରୁଛନ୍ତି।

# ଆଲୁମିନିୟମ ଫଏଲ୍ ମାନୁଫାକଚରିଂ ୟୁନିଟ୍ ବସାଇବ ନାଲ୍‌କୋ




■ଯୋଜନା ସମ୍ପର୍କରେ ସ୍ପଷ୍ଟ କଲେ ନାଲ୍‌କୋ ଅଧକ୍ଷ

■କାମାକ୍ଷାନଗରରେ ୟୁନିଟ୍ ହେବ

■ପ୍ଲାଷ୍ଟିକ୍ ପ୍ୟାକେଜିଂର ବିକଳ୍ପ ହୋଇପାରିବ

ଭୁବନେଶ୍ୱର,୩୦-୯

ପ୍ଲାଷ୍ଟିକ୍ ପ୍ୟାକେଜିଂର ବିକଳ୍ପ ଭାବେ ଆଲୁମିନିୟମ ଫଏଲ୍‌ର ବ୍ୟବହାର ହୋଇ ପାରିବ। ଏହା ପରିବେଶ ଉପଯୋଗୀ ହୋଇଥିବା ବେଳେ ପୁଣି ଥରେ ଏହାର ପୁନଃପ୍ରଚଳନ କରାଯାଇପାରିବ। ପ୍ୟାକେଜିଂ ଶିଳ୍ପ ଲାଗି ବିକଳ୍ପ ସମାଧାନ ତଥା ବର୍ଦ୍ଧିତ ଚାହିଦା ପୂରଣ ଲାଗି ନାଲ୍‌କୋ ଏଭଳି ପଦକ୍ଷେପ ନେବାକୁ ଯୋଜନା ରଖିଛି। ଏହି ଧାରାରେ କମ୍ପାନି ଆଗାମୀ ଦିନରେ ଢେଙ୍କାନାଳର କାମାକ୍ଷାନଗରଠାରେ ଏକ ଆଲୁମିନିୟମ ଫଏଲ୍ ମାନୁଫାକଚରିଂ ୟୁନିଟ୍ ସ୍ଥାପନ କରିବ। ମହାତ୍ମାଗାନ୍ଧିଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ରାଷ୍ଟ୍ରାୟତ ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ‘ସ୍ୱଚ୍ଛତା ହି ସେବା’ କାର୍ଯ୍ୟକ୍ରମରେ ଯୋଗ ଦେଇ ନାଲ୍‌କୋ ଅଧକ୍ଷ ତପନ କୁମାର ଚାନ୍ଦ ଏହି ସୂଚନା ଦେଇଛନ୍ତି।

ଏହି ଅବସରରେ ନାଲ୍‌କୋ ନଗରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବର୍ଜ୍ୟବସ୍ତୁର ପରିଚାଳନା ଲାଗି ଭବିଷ୍ୟତର ଏମ୍ରିଅନ ନାନୋ ଟେକ୍ନୋଲୋଜିର ବ୍ୟବହାର ଉପରେ ଚାନ୍ଦ ଏଠାରେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ ନାଲ୍‌କୋ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ସାମାଜିକ ଉତ୍ତରଦାୟିତ୍ୱ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ପୁରୀରେ ୧୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ତୀର୍ଥଯାତ୍ରୀଙ୍କ ଲାଗି ହାତକୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ, ଭୁବନେଶ୍ୱର ଏବଂ ପୁରୀରେ ପରିବେଶ ଉପଯୋଗୀ ବ୍ୟାଟେରୀ ଚାଳିତ ଯାନ, କଟକ ରେଳ ଷ୍ଟେଶନରେ କମ୍ପାନୀ ପକ୍ଷରୁ ଯାତ୍ରୀ ସୁବିଧା ସମେତ ବିଭିନ୍ନ ପ୍ରକଳ୍ପ ଉପରେ ସେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରିଥିଲେ।

# ଖବରଦାତାଙ୍କୁ ମାଡ଼ ପ୍ରତିବାଦରେ ଥାନାରେ ଧାରଣା

ବାଲିପାଟଣା,୩୦।୯.(ଡି.ଏନ୍.ଏ.)

ପୁରୀ ଓ ବାଲିପାଳରେ ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ରବିବାର ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଖବରଦାତାମାନେ ମିଳିତଭାବେ ବାଲିପାଟଣା ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ଦୋଷୀ ପୋଲିସ ଅଧିକାରୀ ଓ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାପାଇଁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ ବାଲିପାଟଣା ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ଖବରଦାତାଙ୍କୁ ଆକ୍ରମଣ କରିବା ସହ ହତ୍ୟା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚତୁର୍ଥସ୍ତମ୍ଭକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଉ ନଥିବାବେଳେ ସରକାର ମଧ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଖବରଦାତାଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଆଇନ ଅଣାଯିବା ପାଇଁ ଉପସ୍ଥିତ ଖବରଦାତାମାନେ ମତାମତ ରଖିଥିଲେ। ଖବରଦାତାଙ୍କ ଅଭିଯୋଗକୁ ତୁରନ୍ତ ଡିଜିଙ୍କ ପାଖରେ ପହଞ୍ଚାଇବା ବ୍ୟବସ୍ଥା କରିବା ଧାରଣାରୁ ଓହରିବାକୁ ଆଇଆଇସି କହିଥିଲେ। ଖବରଦାତାଙ୍କୁ ସୁରକ୍ଷା ନ ମିଳିଲେ ଆନ୍ଦୋଳନ ଆଗକୁ ବଢ଼ିବ ବୋଲି ନାରାବାଜି ଦେଇ ଖବରଦାତାମାନେ ଥାନା ଠାରୁ ବାଲିପାଟଣା ଛକସ୍ଥିତ ଗୋପବନ୍ଧୁ ପୀଠରେ ପହଞ୍ଚିଥିଲେ।

■ ସର୍ବଭାରତୀୟ ଶ୍ରେଷ୍ଠ ସ୍କୁଲ ମାନ୍ୟତା

# ତୃତୀୟ ସ୍ଥାନରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ ୨୦୧୮ ଦ୍ୱାରା ଆୟୋଜିତ ସର୍ବଭାରତୀୟ ସ୍ତରରେ ଡେ କମ୍ ବୋର୍ଡିଂ ବିଭାଗରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ତୃତୀୟ ଶ୍ରେଷ୍ଠ ସ୍କୁଲ ଏବଂ ଓଡ଼ିଶାରେ ଏକ ନମ୍ବର ସ୍କୁଲର ମାନ୍ୟତା ପାଇଛି। ଏଥିସହିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଇଲାଇଟି ଆୱାର୍ଡ଼ (ଇମରଜିଙ୍ଗ୍ ଲିଡର୍ସ ଇନ୍ ଇନୋଭେଶନ୍, ଟେକ୍ନୋଲୋଜି ଆଣ୍ଡ ଏଜୁକେଶନ) ଦ୍ୱାରା ସମ୍ମାନିତ ହୋଇଛି, ଯାହା ଆଗାମୀ ପିଢ଼ିର ସ୍କୁଲ ର୍‍ୟାଙ୍କିଙ୍ଗ୍, ଏଡ଼ଫିନିଟି, ଆମେରିକା ଦ୍ୱାରା ପ୍ରଦାନ କରାଯାଇଛି ଏବଂ ପୂର୍ବ ଭାରତରୁ ଏକମାତ୍ର ସ୍କୁଲ ଭାବେ ସହବନ୍ଧିତ ହୋଇ କେ-୧୨ ଶୈକ୍ଷିକ କ୍ଷେତ୍ରରେ ପ୍ରବେଶ କରିଛି। ସେହିପରି ନବନିର୍ମିତ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲକୁ ଉଚ୍ଚମାନର ଶିକ୍ଷାପ୍ରଣାଳୀ, ଅଭିନବ କାର୍ଯ୍ୟକ୍ରମ ପାଇଁ ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ ୨୦୧୮ ଇମରଜିଙ୍ଗ ହାଇପୋଟେନ୍ସିଆଲ୍ ସ୍କୁଲ ଆୱାର୍ଡ ପ୍ରଦାନ କରିଛି। ସେପ୍ଟେମ୍ବର ୨୮ ଏବଂ ୨୯ ତାରିଖରେ ନୂଆଦିଲ୍ଲୀଠାରେ ଦ୍ୱାଦଶତମ ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ ସର୍ଭେ ଦ୍ୱାରା ଆୟୋଜିତ ସମାରୋହରେ ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍ ପକ୍ଷରୁ ଚେୟାରମ୍ୟାନ୍ ଡ. ବିଜୟ କୁମାର ସାହୁ, ଭାଇସ୍ ଚେୟାରପର୍ସନ୍ ଡ. ଶିଳ୍ପୀ ସାହୁ, ପ୍ରିନ୍ସିପାଲ୍ ହରିଶ୍ ସାନ୍ଧୁଜା ଏବଂ ପ୍ରଧାନଶିକ୍ଷକ ଅମିତାଭ ଅଗ୍ନିହୋତ୍ରୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ ୨୦୧୮ ସର୍ବେକ୍ଷଣରେ ସମୁଦାୟ ୧୨୨୧୪ ଜଣ ଶିକ୍ଷାବିତ୍, ପ୍ରିନ୍ସିପାଲ୍, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ, ଯାହାକି ଭାରତ ବର୍ଷର ୨୭ଟି ସହର ଓ ଶିକ୍ଷାକେନ୍ଦ୍ର ମାଧମରେ ଦେଶର ଶ୍ରେଷ୍ଠ ୧୦୦୦ ସ୍କୁଲ ମଧ୍ୟରୁ ଚୟନ କରାଯାଇଥିଲା। ଦିଲ୍ଲୀର ଏକ ଓପିନିୟନ ପୋଲ୍ ସଂସ୍ଥା ସେଣ୍ଟର ଫର୍ ଫୋରକାଷ୍ଟିଙ୍ଗ୍ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୪ ମାସର ଅବଧି ନେଇ ଏହି ଚୟନ କରିଥିଲେ। ୧୪ଟି ପାରାମିଟରକୁ ବିଚାରକୁ ନେଇ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ତୃତୀୟ ଶ୍ରେଷ୍ଠ ସ୍କୁଲ୍ ଭାବେ ଚୟନ କରାଯାଇଥିଲା। ଏହି ସମ୍ମାନ୍‌ନୀୟ ପୁରସ୍କାର ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାଙ୍କ ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ।

# ଅଭିନେତାଙ୍କ କାର୍ କାଚ ଭାଙ୍ଗି ଲୁଟ୍

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

**ଲୁଟେରାଙ୍କୁ କାବୁ କଲେ ଲୋକେ**



ଲିଙ୍ଗରାଜ ଥାନା ଅଧୀନ ବିବେକାନନ୍ଦ ମାର୍ଗ ଏସ୍‌ବିଆଇ ଆଗରୁ ରବିବାର ଅପରାହ୍ନରେ ଧାରାବାହିକ ଅଭିନେତା ଦେବରାଜ ଆଚାର୍ଯ୍ୟଙ୍କ କାର କାଚ ଭାଙ୍ଗି ଲୁଟ୍ ହୋଇଛି। ଦୁଇ ଜଣ ଯୁବକ ଗାଡିର ବାମ୍ କାଚକୁ ଏକ ପଥର ସାହାଯ୍ୟରେ ଭାଙ୍ଗି ଗାଡି ଭିତରୁ ୧୩ ହଜାର ଟଙ୍କା, ଏକ ମୋବାଇଲ୍ ଫୋନ୍ ଓ ଏକାଧିକ ଏଟିଏମ୍ କାର୍ଡ ନେଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଦେଖିଦେବାରୁ ସେମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଲୋକମାନେ ଜଣେ ଲୁଟେରାଙ୍କୁ ରଥ ରୋଡ୍ ନିକଟରେ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଦେବରାଜ ଏ ନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଧରାପଡିଥିବା ଲୁଟେରାଙ୍କୁ ପଚରାଉଚରା କରୁଛି। ଫେରାର ଥିବା ଅନ୍ୟ ଜଣେ ଲୁଟେରାଙ୍କ ନିକଟରେ ଟଙ୍କା ଓ ମୋବାଇଲ ଫୋନ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ବିବେକାନନ୍ଦ ମାର୍ଗରେ ଦେବରାଜଙ୍କ ଏକ ଷ୍ଟୁଡିଓ ରହିଛି। ସେ ପ୍ରତିଦିନ ଭଳି ରବିବାର ଷ୍ଟୁଡିଓ ସାମ୍ନାରେ ତାଙ୍କ କାର(ଓଡି-୧୭ବି-୪୧୦୦) ରଖି ଷ୍ଟୁଡିଓ ଭିତରେ ଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ରେ ୨ ଯୁବକ ଉକ୍ତ କାର ନିକଟକୁ ଆସିଥିଲେ। ସେମାନେ କିଛି ସମୟ ପାଇଁ କାର ନିକଟରେ ବୁଲିବା ସହ ହଠାତ୍ ଜଣେ ଲୁଟେରା ସେଠାରେ ଥିବା ଏକ ପଥର ସାହାଯ୍ୟରେ କାର କାଚ ଭାଙ୍ଗି ଦେଇଥିଲେ। କାର ଭିତରୁ ସେ ଏକ ମୋବାଇଲ, ୧୩ ହଜାର ଟଙ୍କା ଓ ଏକାଧିକ ଏଟିଏମ କାର୍ଡ ନେଇ ଚମ୍ପଟ ମାରିଥିଲା। କାଚ ଭଙ୍ଗାଯିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଉକ୍ତ ଦୁଇ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଲୋକେ ଗୋଡାଇବା ଦେଖି ଦୁଇ ଲୁଟେରା ରଥ ରୋଡ୍ ଅଭିମୁଖେ ଦୌଡ଼ିଥିଲେ। ସେଠାରେ ଲୋକେ ଜଣେ ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ପୂର୍ବରୁ ଉକ୍ତ ମାର୍ଗରେ ଏକାଧିକ ଲୁଟ୍ ହୋଇଥିବାବେଳେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

# ୭୦ୟୁନିଟ ରକ୍ତ ସଂଗ୍ରହ

ବାଲକାଟୀ, ୩୦।୯(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଲିଙ୍ଗିପୁର ଯୁବକ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ମେଳଣ ପଡ଼ିଆରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧକ୍ଷ ଅବିନାଶ ପଟ୍ଟନାୟକ, କିନ୍ନର ଆସୋସିଏଶନ ସଭାନେତ୍ରୀ ମୀରା ପରିଡ଼ା ଯୋଗଦେଇଥିଲେ। ଲିଙ୍ଗିପୁର ସରପଞ୍ଚ ରୀନାମଣି ବେହେରା, ସମିତିସଭ୍ୟ ରଜନୀ ଦାସ, ବିଜନ ସାମନ୍ତରାୟ ଏବଂ ଲିଙ୍ଗିପୁର ଯୁବକସଂଘ ସଭାପତି ଭକ୍ତଭୂଷଣ ବାରିକ ଯୋଗଦେଇଥିଲେ। ଏହି ଶିବିରରେ ମୋଟ ୭୦ୟୁନିଟ ରକ୍ତସଂଗ୍ରହ କରାଯାଇଥିଲା। ଲିଙ୍ଗିପୁର ସମେତ ନିକଟସ୍ଥ ଅଞ୍ଚଳର ମୋଟ ୫୮ଜଣ ପୁରୁଷ ଓ ୧୨ଜଣ ମହିଳା ରକ୍ତଦାନ କରିଥିଲେ। ଆଗାମୀଦିନରେ ଏହିଭଳି କାର୍ଯ୍ୟକ୍ରମ ଚାଲୁରହିବ ବୋଲି ସଂଘ ସଭାପତି ବାରିକ ସୂଚନା ଦେଇଛନ୍ତି।

# ହୃଦ୍‌ରୋଗର ଶିକାର ହେଉଛନ୍ତି ଅଧିକାଂଶ ଯୁବ ବର୍ଗ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ହୃତ୍‌ପିଣ୍ଡ ଓ ହୃଦୟଜନିତ ରୋଗ, ତା'ର ଜଟିଳତା ଓ ସମସ୍ୟା ବିଷୟରେ ସାରା ବିଶ୍ୱବାସୀଙ୍କୁ ସଚେତନ କରାଇବା ‘ବିଶ୍ୱ ହୃଦୟ ଦିବସ’ର ଉଦ୍ଦେଶ୍ୟ। ୨୦୧୮ର ବାର୍ତ୍ତା ହେଉଛି ‘ମୋ ହୃଦୟ, ଆପଣଙ୍କ ହୃଦୟ’। ଏଭଳି ଏକ ସଚେତନତାମୂଳକ ଆଲୋଚନାଚକ୍ରକୁ ନେଇ ଶନିବାର ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ‘ବିଶ୍ୱ ହୃଦୟ ଦିବସ’ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆଦିତ୍ୟ କେୟାର ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, କିମ୍ସ ହସ୍ପିଟାଲର ର୍ୟୁମାଟୋଲୋଜିଷ୍ଟ ଡା. ପ୍ରଶାନ୍ତ ପ୍ରଧାନ, ଏମ୍ସ ହସ୍ପିଟାଲର ଡାଇବେଟିସ୍ ବିଶେଷଜ୍ଞ ଡା. କିଶୋର କୁମାର ବେହେରା, ଶିଶୁରୋଗ ବିଶେଷଜ୍ଞ ଡା. ପ୍ରଦୀପ କୁମାର ପଣ୍ଡା ଓ କେୟାର ହସ୍ପିଟାଲର ଡା. ଦାମୋଦର ବିନ୍ଧାଣି ଅତିଥିଭାବେ ଯୋଗଦେଇ ହୃତ୍‌ପିଣ୍ଡର ଯତ୍ନ ଓ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ବର୍ତ୍ତମାନ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ସେଥିପାଇଁ ସୁଷମ ଖାଦ୍ୟ, ସବୁଜ ପନିପରିବା, ଫଳ ଖାଇବା ସହ ନିୟମିତ ବ୍ୟାୟାମ କରିବା ଆବଶ୍ୟକ ବୋଲି ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି. କେ. ଦାସ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ, ଉପାଧକ୍ଷ ରାଜେଶ କୁମାର ପାଢ଼ୀ, ଉପାଧକ୍ଷା ଝିନୁକ୍‌ଦତ୍ତା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

■ପୋଖରୀରୁ ମୃତଦେହ ଉଦ୍ଧାର

■ସ୍ୱାମୀ ସମେତ ୬ଜଣଙ୍କ ନାଁରେ ମାମଲା

ନିମାପଡ଼ା,୩୦।୯(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ଅନ୍ତର୍ଗତ ଗୋପୀନାଥପାଟଣା ଗ୍ରାମର କାଳନ୍ଦୀ ଦାସଙ୍କ ସ୍ତ୍ରୀ ପ୍ରତିମା ଦାସ(୩୧)ଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତଦେହକୁ ଘର ବାଡିପଛପଟେ ପୋଖରୀରୁ ରବିବାର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଯୌତୁକ ପାଇଁ ଯୋଜନାବଦ୍ଧ ଭାବେ ଶାଶୁଘରର ଲୋକ ହତ୍ୟା କରିଥିବା ତାଙ୍କ ଭାଇ ଅକ୍ଷୟ ଦାସ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ତାଙ୍କ ସ୍ୱାମୀ କାଳନ୍ଦୀ ଦାସ, ଶ୍ୱଶୁର ବାସୁଦେବ ଦାସ, ଦେଢଶୁର ସଞ୍ଜୟ ଦାସ, ଦିଅର ଶୁକଦେବ ଦାସ, ଶାଶୁ ଶଶି ଦାସ ଓ ଯାଆ ମନୋରମା ଦାସଙ୍କ ବିରୋଧରେ ୪ଡିପି ଆକ୍ଟରେ କେସ ନଂ ୨୮୬/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତାଙ୍କ ସ୍ୱାମୀ କାଳନ୍ଦୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଖବର ଅନୁଯାୟୀ, କାକଟପୁର ଥାନା ଅନ୍ତର୍ଗତ ବୋଇତକୁଦ ଗ୍ରାମର ପୂର୍ଣ୍ଣାନନ୍ଦ ଦାସଙ୍କ କନ୍ୟା ପ୍ରତିମା ଗତ ୬ବର୍ଷ ତଳେ ଚାରିଛକ ଫାଣ୍ଡି ଅନ୍ତର୍ଗତ କଳାପାଞ୍ଚଣ ଗୋପୀନାଥପାଟଣା ଗ୍ରାମର ବାସୁଦେବ ଦାସଙ୍କ ପୁଅ କାଳନ୍ଦୀ ଦାସଙ୍କୁ ବିବାହ କରିଥିଲେ। ବିବାହ ବେଳେ ଶାଶୁଘରର ଦାବିମୁତାବକ ନଗଦ ୧ଲକ୍ଷ ୨୦ହଜାର ଟଙ୍କା, ସୁନାଗହଣା, ବିଭିନ୍ନ ଆସବାବପତ୍ର ଯୌତୁକ ବାବଦରେ ଦିଆଯାଇଥିଲା। କିନ୍ତୁ ବିବାହର କିଛି ମାସ ପରେ ଏକ ଅଟୋରିକ୍ସା କିଣିବାକୁ ବାପଘରୁ ୮୦ହଜାର ଟଙ୍କା ଆଣିବାକୁ ଶାଶୁଘର ଲୋକେ ବଧୂ ପ୍ରତିମାକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏହି ଯୌତୁକ ଟଙ୍କା ପାଇଁ ତାଙ୍କୁ ଶାଶୁଘର ଲୋକେ ଶନିବାର ରାତିରେ ହତ୍ୟାକରି ବାଡି ପଛପଟେ ପୋଖରୀରେ ଫିଙ୍ଗି ଦେଇଥିବା ମୃତାଙ୍କ ଭାଇ ଅକ୍ଷୟ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ନିମାପଡ଼ା ଥାନା ଆଇଆଇସି ହରମୋହନ ନାୟକ, ଚାରିଛକ ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅନ୍ୟପକ୍ଷରେ ପାରିବାରିକ କଳହ ଯୋଗୁ ବଧୂ ପୋଖରୀରେ ଡେଇଁ ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁଘର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ମୃତା ପ୍ରତିମାଙ୍କ ୨ଟି ଶିଶୁପୁତ୍ର ଅଛନ୍ତି ।



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।
- ପର୍ଲ ଏସ୍. ବକ୍



## ଇତୁକୁରା ନାଳି ପୋଲଠାରେ ବର୍ଷା ଜଳ ଅବରୋଧ

# ୨ ଶହ ଏକର ଧାନ ଫସଲ ନଷ୍ଟ

**ଲଳିତଗିରି,୩୦ା୯(ସ୍ୱ.ପ୍ର.)**



ଜଣେ ଚାଷୀ ନଷ୍ଟ ହୋଇଯାଇଥିବା ଧାନ ଫସଲ ଦେଖାଉଛନ୍ତି।

**କଟକ ଡ୍ରେନେଜ ବିଭାଗ**
- କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି
- ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି
- ମାଛ ଧରିବା ପାଇଁ ଜଳ ଅବରୋଧ ହେଉଛି

କଟକ ଡ୍ରେନେଜ ବିଭାଗ ଅଧୀନ ମାହାଙ୍ଗା ବ୍ଲକ ପୋଡ଼ାମରାଇ ପଞ୍ଚାୟତ ଇତୁକୁରା ନାଳି ପୋଲଠାରେ ବର୍ଷା ଜଳ ଅବରୋଧ ଯୋଗୁ ପ୍ରାୟ ୨ ଶହ ଏକର ଚାଷ ଜମି ଜଳମଗ୍ନ ହୋଇ ଧାନ ଚାଷ ନଷ୍ଟ ହୋଇଯାଇଛି। ଏ ନେଇ ନେଇ ମାହାଙ୍ଗା ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ସହ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯୋଗ୍ୟ, ପୋଡାମରାଇ ସିନ୍ଧୁପୁର ଅଞ୍ଚଳର ଚାଷ ଜମିରୁ ବନ୍ୟା ଜଳ ନିଷ୍କାସନ ପାଇଁ ୬ନଂ ଡ୍ରେନେଜ କଟର ସିନ୍ଧୁପର-ଇତୁକୁରା ନାଳି ରହିଛି। ଏହି ନାଳି ଦେଇ ସିନ୍ଧୁପୁର ଅଞ୍ଚଳର ଚାଷ ଜମିରୁ ବନ୍ୟା ଜଳ ନିଷ୍କାସନ ହୋଇଥାଏ। ଏହାର ତଳମୁଣ୍ଡ ଇତୁକୁରାଠାରେ ଏହି ନାଳି ମଧ୍ୟରେ କିଛି ବ୍ୟକ୍ତି ବାଡ଼ ବସାଇଥିଲେ। ଏହି ଜଳ ନିଷ୍କାସିତ ହୋଇ ନ ପାରି ସିନ୍ଧୁପୁର ଚାଷ ଜମିକୁ ଜଳମଗ୍ନ କରିଥିଲା। ଫଳରେ ଉପର ମୁଣ୍ଡରେ ଥିବା ଧାନ ଚାଷ ନଷ୍ଟ ହୋଇଥିଲା। ଏଥିନେଇ ସିନ୍ଧୁପୁର ଗ୍ରାମବାସୀ ସିନ୍ଧୁପର ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ରାଜସ୍ୱ ନିରୀକ୍ଷକ ଉକ୍ତ ପହଞ୍ଚି ବାଡ ହଟାଇଥିଲେ। ପ୍ରଶାସନର ନିର୍ଦ୍ଦେଶକୁ ଖାତିର ନ କରି ପୁର୍ନବାର ଇତୁକୁରା ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ସ୍ଥାନରେ ମାଛ ଧରିବା ପାଇଁ ବାଡ ବସାଇ ଜଳ ଅବରୋଧ କରିଥିଲେ। ଖବର ପାଇ ମାହାଙ୍ଗା ଅତିରିକ୍ତ ତହସିଲଦାର ଦିଲୀପ ନାୟକ ବେଆଇନ ବାଡ ଉଠାଇବା ପାଇଁ ବୁଝାଶୁଝା କରୁଥିଲେ। ଏହି ସମୟରେ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ବାଡ ବସାଇ ଜଳ ଅବରୋଧ କରିଥିବା ଦୁଇ ଯୁବକ ସିନ୍ଧୁପୁର ଗ୍ରାମର ଚାଷୀଙ୍କୁ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିବା ନେଇ ଗ୍ରାମବାସୀ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଥାନା ପକ୍ଷରୁ ଘଟଣାର ତଦନ୍ତ କରାଯାଇଥିଲେ ମଧ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ପ୍ରତିପକ୍ଷଙ୍କ ପକ୍ଷରୁ ଏକ ପାଲଟା ଅଭିଯୋଗ କରାଯାଇଥିବା ଜଣାଯାଇଛି। ତୁରନ୍ତ ବେଆଇନଭାବେ କେନାଲରେ ବାଡ ବସାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ଦିନରେ ସିନ୍ଧୁପୁର ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ଅତିରିକ୍ତ ତହସିଲଦାର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସିନ୍ଧୁପୁର ରାଜସ୍ୱ ନିରୀକ୍ଷକ ରାଜେଶ ମୁଣ୍ଡାଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ବେଆଇନ ବାଡ ସମ୍ପର୍କରେ ତହସିଲଦାରଙ୍କୁ ରିପୋର୍ଟ କରିଥିବା କହିଛନ୍ତି।



ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଆଠଗଡ଼,୩୦ା୯(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ପୂର୍ବାହ୍ନରେ ସ୍ଥାନୀୟ ମହୋତ୍ସବ ପଡ଼ିଆଠାରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳାଇ ଓ ଜିଲା ପରିଷଦ ଉପାଧକ୍ଷ ସୁନୀଲ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଯୁବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଅଧିକାରୀ ନିହାରିକା ବିଶ୍ୱାଳ, ବ୍ଲକ ସଂଯୋଜକ କୃଷ୍ଣଚନ୍ଦ୍ର ଜେନା, ଏନଏସି ସଂଯୋଜକ ଦିଲୀପ କୁମାର ତ୍ରିପାଠୀ, କ୍ରୀଡ଼ା ଓ ସାଂସ୍କୃତିକ ସଂଯୋଜକ ସଂଗ୍ରାମ କେଶରୀ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଏନଏସି ଓ ବ୍ଲକରେ କାର୍ଯ୍ୟରତ ୩୭ କାର୍ଯ୍ୟବାହୀ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ବିଜୁ ଯୁବବାହିନୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ବଡ଼ମ୍ବା କଲେଜ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ବଡ଼ମ୍ବା,୩୦ା୯(ଡି.ଏନ.ଏ.):** ବଡ଼ମ୍ବା ମୋହନସୁବୁଦ୍ଧି କଲେଜର ନୂତନ ଅଧକ୍ଷଭାବେ ପ୍ରାଧାପକ କୁମାରେଶ ରଥ ନିଯୁକ୍ତ ହୋଇଛନ୍ତି। ସେ ପୂର୍ବତନ ଅଧକ୍ଷ ପ୍ରାଧାପକ କିଶୋରଚନ୍ଦ୍ର ସାହୁଙ୍କଠାରୁ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧକ୍ଷ ସାହୁ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସାହୁଙ୍କୁ କଲେଜରେ ଅନୁଷ୍ଠିତ ଏକ ସଭାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ନୂତନ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ବରିଷ୍ଠ ପ୍ରାଧାପିକା ଡ. ଜ୍ୟୋତିର୍ମୟୀ ଦାଶ, ସୁଚିସ୍ମିତା ମହାନ୍ତି, ଡ. ତନୟା ପଟେଲ, ପ୍ରାଧାପକ ପ୍ରଭାକର ରାଉତ, ଇସମାଇଲ ଖାନ, ବିଶ୍ୱନାଥ ପଟ୍ଟନାୟକ, ଅଧାପକ ଡ. ସୁବାସ ଆସ, କରୁଣାକର ରାଉତ ଓ ମାନଗୋବିନ୍ଦ ପାତ୍ରଙ୍କ ସମେତ କଲେଜର ଅଧାପନାମଣ୍ଡଳୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ କୁଶପୁତ୍ତଳିକା ଦାହ

**ଲଳିତଗିରି,୩୦ା୯(ସ୍ୱ.ପ୍ର.):** କୃଷି ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳାଙ୍କ ବିରୋଧରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ରବିବାର ମାହାଙ୍ଗା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏରକଣା ବଜାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ ସେ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଛି। କଟକ ଜିଲା ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଯାଜ୍ଞସେନୀ ଜେନା, ନିଶ୍ଚିନ୍ତକୋଇଲି ପୂର୍ବତନ ବ୍ଲକ୍ ଅଧକ୍ଷା କମଳା ବଡ଼ିଆ, ନିର୍ମଳା ଲେଙ୍କା, ସୁଚିତ୍ରା ନାଥ, ଜ୍ୟୋତିର୍ମୟୀ ନାୟକ, ଅହଲ୍ୟା ଜେନା, ବିଷ୍ଣୁପ୍ରିୟା ସାହୁଙ୍କ ସମେତ ବହୁ ଭାଜପା ମହିଳା ନେତ୍ରୀ ଯୋଗଦେଇ ରାଜ୍ୟ ସରକାରଙ୍କୁ ନିନ୍ଦା କରିଥିଲେ।

### ବାଙ୍କୀ ଏନ୍ଏସିରେ ନୂତନ ପ୍ରଶାସକ ନିଯୁକ୍ତ

**ବାଙ୍କୀ,୩୦ା୯(ସ୍ୱ.ପ୍ର.):** ନିର୍ଦ୍ଧାରିତ ସମୟରେ ବାଙ୍କୀ ଏନଏସି ନିର୍ବାଚନ ହୋଇ ନ ପାରିବାରୁ ଏବଂ ପରିଷଦର କାର୍ଯ୍ୟକାଳ ଶନିବାର ଶେଷ ହୋଇଥିବାରୁ ଏହାର ପ୍ରଶାସନିକ ଦାୟିତ୍ୱ ବାଙ୍କୀ ଉପଜିଲାପାଳଙ୍କୁ ରାଜ୍ୟ ସରକାର ନ୍ୟସ୍ତ କରିଛନ୍ତି। ଆସନ୍ତା ପୌର ପରିଷଦ ଗଠନ ହୋଇ ପ୍ରଥମ ବୈଠକ ବସିବା ଯାଏ ଉପଜିଲାପାଳ ପ୍ରଶାସନିକ କାର୍ଯ୍ୟଭାର ସମ୍ଭାଳିବେ। ଏ ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

### ବାଙ୍କୀ କଲେଜ ଇଂରାଜୀ ବିଭାଗର ସ୍ୱାଗତ ଉତ୍ସବ

**ବାଙ୍କୀ,୩୦ା୯(ସ୍ୱ.ପ୍ର.):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ଭାଷା ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବାସହ ମହାବିଦ୍ୟାଳୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ସଦାନନ୍ଦ ବାରିକ୍ ଛାତ୍ରୀଛାତ୍ର ପାଠପଢ଼ାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି କହିଥିଲେ। ଅଧାପକ ବିଭାସ ଦାସ ଛାତ୍ରୀଛାତ୍ର ମହାବିଦ୍ୟାଳୟର ନୀତିନିୟମକୁ ମାନିବାକୁ କହିଥିଲେ। ଅଧାପିକା ପୁଷ୍ପିତା ମହାପାତ୍ର, ଅଧାପକ ପ୍ରଦୀପ କୁମାର ଦେବତା, ବିଶ୍ୱରଞ୍ଜନ ସାହୁ, ବିଜୟୀନି ମହାନ୍ତି, ପ୍ରଦୀପ ରାଉତ ପ୍ରମୁଖ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ପାଠପଢ଼ି ମହାବିଦ୍ୟାଳୟର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ବିଭାଗର ପୁରାତନ ଛାତ୍ରୀଛାତ୍ର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ବିଧାୟକ ଓ ଅନ୍ୟ ଅତିଥିଙ୍କ ଗହଣରେ ଫୁଟ୍‌ବଲ୍ ଟୁର୍ନାମେଣ୍ଟରେ ଭାଗନେଇଥିବା ଦଳ।

## ବାଙ୍କୀ ମହୋତ୍ସବ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାଙ୍କୀ,୩୦ା୯(ସ୍ୱ.ପ୍ର.)**

ବାଙ୍କୀ ମହୋତ୍ସବ ଉପଲକ୍ଷେ ଆୟୋଜିତ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ରବିବାର କଚେରି ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମହୋତ୍ସବ କମିଟି ସଭାପତି ତଥା ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ବାଙ୍କୀ କ୍ରୀଡ଼ା ସଂସଦ କୋଷାଧକ୍ଷ ଲିଙ୍ଗରାଜ ରାଉତ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାଳନ୍ଦୀ ଚରଣ ମହାପାତ୍ର, ସୁବାସ ଚନ୍ଦ୍ର ପାଢ଼ୀ, ଧର୍ମପ୍ରସାଦ ମଙ୍ଗରାଜ, ବଳଭଦ୍ର ପଣ୍ଡା, ନିଶିକାନ୍ତ ପଟ୍ଟନାୟକ, ସନାତନ ବେହେରା ଓ ସଦାଶିବ ଦାଶ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳ ବାଙ୍କୀ କ୍ରୀଡ଼ା ସଂସଦ କନିଷ୍ଠ ଦଳ ଓ ଡମପଡ଼ା ବାଘୁଆ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଘୁଆ ଦଳ ବାଙ୍କୀ କ୍ରୀଡ଼ା ସସଂଦ କନିଷ୍ଠ ଦଳକୁ ୧-୦ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ବୃନ୍ଦାବନ ପ୍ରଧାନ ଖେଳ ପରିଚାଳନା କରିଥିବାବେଳେ ସୁଭେନ୍ଦୁ ବେହେରା ଓ ତପନ ନାୟକ ଲାଇନସ୍ ମ୍ୟାନ୍ କାର୍ଯ୍ୟ ତୁଲାଇଥିଲେ। ମନୋଜ କୁମାର ରାଉତ୍ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ପଣ୍ଡାଳମ ଓ ତାରପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରଣା ସୂଚନା ଦେଇଛନ୍ତି।

## ରାସ୍ତା ସଫେଇ କଲେ ବିଜୁ ଯୁବବାହିନୀ କର୍ମକର୍ତ୍ତା

**ସାଲେପୁର,୩୦ା୯(ଡି.ଏନ.ଏ.)**

ସାଲେପୁର ବ୍ଲକ ପିକୋଳ ପଞ୍ଚାୟତର ମାଣିତ୍ରୀ ସମିତି ରାସ୍ତାକୁ ବିଜୁ ଯୁବବାହିନୀ କର୍ମକର୍ତ୍ତା ସଫେଇ କରିଛନ୍ତି। ବିଜୁ ଯୁବବାହିନୀ ସଭାପତି ଦୋଳଗୋବିନ୍ଦ ସାହୁ, ସମ୍ପାଦକ ସଂଗ୍ରାମ ମହାନ୍ତି, କୋଷାଧକ୍ଷ ବିକ୍ରେମ କେଶରୀ ଭୂୟାଁ, ସେକ୍ ବାବାର ମହମ୍ମଦ, ଅନୀଲ୍ କୁମାର ନାୟକ, ହେମନ୍ତ କୁମାର ସ୍ୱାଇଁ, ରୁପକ୍ କୁମାର ସ୍ୱାଇଁ, ରାଜକିଶୋର ପ୍ରଧାନ, ସେକ୍ କରିମ୍ ଆଜାଦ୍, ଗୌତମ ବାରିକ୍, ନବକିଶୋର ଦାସ ଓ ସନ୍ତୋଷ କୁମାର ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଶିଶୁଆ-ଛାଣିପୁର ୬ ନଂ. କେନାଲ ବନ୍ଧ ରାସ୍ତା ଶୋଚନୀୟ

**ସାଲେପୁର,୩୦ା୯(ଡି.ଏନ.ଏ.)**

କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ଥିବା ସାଲେପୁର ବ୍ଲକ୍ ୬ନଂ. କେନାଲ୍ ବନ୍ଧର ଡାହାଣ ପାର୍ଶ୍ୱ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଶିଶୁଆ ବଜାର ପୋଲଠାରୁ ଛାଣିପୁର ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତାର ବହୁସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏପରି କି କେତେକ ସ୍ଥାନରେ ପିଚୁ ଉଠିଯିବାରୁ ଗୋଡ଼ିଗୁଡ଼ିକ ଉପରକୁ ଦେଖାଯାଉଛି। ଫଳରେ ଉକ୍ତ ରାସ୍ତାଟି ଏବେ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି। ଅପରପକ୍ଷେ ଉକ୍ତ ରାସ୍ତାଟି ଶିଶୁଆ, ନଇଗୁଆଁ, ଛାଣିପୁର, ସିଡ଼ୋ, ଭୀମଦାସପୁର ଆଦି ପଞ୍ଚାୟତ ଲୋକଙ୍କ ଗମନାଗମନ ପାଇଁ ପ୍ରମୁଖ ରାସ୍ତା। ରାସ୍ତାର ଦୂରାବସ୍ଥା ଯୋଗୁ ଲୋକମାନେ ଗମନାଗମନ କ୍ଷେତ୍ରରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରିକାଳୀନ ଗାଡ଼ି ଗୁଡ଼ିକ ଉକ୍ତ ରାସ୍ତାଦେଇ ଯିବାରେ ଅସୁବିଧା ହେଉଛି। କେତେକ ସ୍ଥାନରେ ଗଛଲତା ଗୁଡ଼ିକ ରାସ୍ତା ଉପରକୁ ମାଡ଼ିଆସିଥିବା ଦେଖିବାକୁ ମିଳିଛି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲେ ମଧ ବାଧହୋଇ ଲୋକମାନେ ଯାତାୟାତ କରୁଛନ୍ତି। ତେଣୁ ଶୀଘ୍ର ରାସ୍ତା ମରାମତି ପାଇଁ ଜଳସେଚନ ବିଭାଗ ନିକଟରେ ଦାବି ହୋଇଛି।

## କଟକ ସଦର ବିଜେଡି ପକ୍ଷରୁ ପଦଯାତ୍ରା ପ୍ରସ୍ତୁତି

**ନେମାଳ,୩୦ା୯(ଡି.ଏନ.ଏ.)**

କଟକ ସଦର ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଗ୍ରାମାଭିମୁଖୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ପଦଯାତ୍ରା ମାଧ୍ୟମରେ ପ୍ରଚାରିତ କରାଯିବ। ଗାନ୍ଧୀ ଜୟନ୍ତୀଠାରୁ ଏକ ମାସ ପର୍ଯ୍ୟନ୍ତ ଏହି ପଦଯାତ୍ରା ସମଗ୍ର ନିର୍ବାଚନମଣ୍ଡଳୀ ଗ୍ରସ୍ତକରିବ ବୋଲି କଟକ ସଦର ବିଧାୟକ ତଥା କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି। ଗାନ୍ଧୀ ଜୟନ୍ତୀରେ ତେଲଙ୍ଗା ପୀଠସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବାପରେ ପଦଯାତ୍ରାର ଶୁଭାରମ୍ଭ ହେବ। ନଭେମ୍ବର ୨ରେ ବିଭିନ୍ନ ପଞ୍ଚାୟତକୁ ମନ୍ତ୍ରୀ ବେହେରା ପଦଯାତ୍ରାରେ ଯାଇ ସଚେତନତା ସୃଷ୍ଟି କରିବେ।

## ନବଜାତ ଶିଶୁପୁତ୍ର ଉଦ୍ଧାର

**ନେମାଳ,୩୦ା୯(ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ତିଳକଣା ପଞ୍ଚାୟତ ରାଠପୁର ଗହୀର ବିଲରୁ ରବିବାର ଏକ ନବଜାତ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଛି। ଗ୍ରାମର ଭଗବାନ ସାହୁ ସକାଳୁ ବିଲକୁ ଯାଉଥିବା ସମୟରେ ଏହା ଦେଖିଥିଲେ। ପରେ ତାକୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସିତ ହେବାପରେ ଶିଶୁ ପୁତ୍ରଟି ଏବେ ସୁସ୍ଥ ଥିବା ଜଣାପଡିଛି। ତେବେ ଏହି ଶିଶୁପୁତ୍ରଟି କାହାର ତାହା ଜଣା ପଡ଼ିନାହିଁ।



ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରାଯାଉଛି।

## ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ମାହାଙ୍ଗା,୩୦ା୯(ସ୍ୱ.ପ୍ର.)**

ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନୃପେନ୍ଦ୍ର ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମସ୍ତ କର୍ମଚାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରିବା ସଙ୍ଗେସଙ୍ଗେ ଜନସାଧାରଣଙ୍କୁ ସ୍ୱଚ୍ଛତା ଓ ପରିମଳ ସମ୍ବନ୍ଧରେ ସଚେତନ କରାଇଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସମ୍ପ୍ରସାରଣ ଅଧିକାରୀ ସୁଧାଂଶୁ ଦାଶ, କାର୍ଯ୍ୟକ୍ରମ ପରିଚାଳିକା ଗୀତାଞ୍ଜଳି ଲେଙ୍କା, ବିତ୍ତ ପରିଚାଳକ ସନ୍ତୋଷ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଶୋକ ପଣ୍ଡା, ଅଭିଜିତ ଗୁପ୍ତା, ଧନଞ୍ଜୟ ସାମନ୍ତରାୟ, ବାଦଲ ବିଶ୍ୱାଳ, ପ୍ରସନ୍ନ ଦାଶ, ଦିଲୀପ ମଲିକ, ସୁଶାନ୍ତ କୁମାର ଦଳେଇ, ଦେବେଦତ୍ତ ମିଶ୍ର, ଅଭୟ କୁମାର ସ୍ୱାଇଁ ଓ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ସାଲେପୁର,୩୦ା୯(ଡି.ଏନ୍.ଏ.):** ସାଲେପୁର ପଞ୍ଚାୟତ ସମିତି ପକ୍ଷରୁ ବିଜୁ ପକ୍କାଘର ସ୍ୱତନ୍ତ୍ର କାର୍ଯ୍ୟାଦେଶ ପ୍ରଦାନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଶିବବ୍ରତ ଘୋଷଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ମମତା ରାଉତ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ୨୬୫ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହିଅବସରରେ ୧୪୭ ଜଣଙ୍କୁ ବିଜୁ ପକ୍କାଘର ସ୍ୱତନ୍ତ୍ର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୩୬ ହିତାଧିକାରୀଙ୍କୁ ୨୦ହଜାର ଲେଖାଏଁ ସହାୟତା ଦିଆଯାଇଥିଲା। ଏଥିସହ ୧୩ ଭାଗବତ ଟୁଙ୍ଗିକୁ ମାଇକ୍ ସେଟ୍ ପ୍ରଦାନ କରାଯାଇଥିଲା। ୧୮ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ହୁଇଲ୍ ଚେୟାର ଓ ଆଶାବାଡି ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବିକାଶ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ।

## ବିଶ୍ୱ ହୃଦୟ ଦିବସ ପାଳିତ

**ବାଙ୍କୀ,୩୦ା୯(ସ୍ୱ.ପ୍ର.):** କଟକ ଲାୟନ୍ସ କ୍ଲବ ପ୍ଲାଟିନମ୍ ପକ୍ଷରୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଶନିବାର ବିଶ୍ୱ ହୃଦୟ ଦିବସ ପାଳିତ ହୋଇଛି। ସଭାରେ ପ୍ରାଧାପକ ମନୋଜ କୁମାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ପଦ୍ମଲୋଚନ ପଣ୍ଡା ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଡା. ବିଶ୍ୱମୋହନ ରାଉତରାୟ ଯୋଗଦେଇ ମଣିଷ ହୃଦୟର ସୁରକ୍ଷା ଉପରେ କହିଥିଲେ। ଲାୟନ୍ସ ଗୌତମ ମିଶ୍ର ଏହାକୁ ପରିଚାଳନା କରିଥିଲେ। ଦୀପକ ସାମନ୍ତରାୟ, ଉଲ୍ଲାସ ଚନ୍ଦ୍ର ବେହେରା, ବିକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପାଲା ମାଧ୍ୟମରେ ଆଇନ ସଚେତନତା

**ବଡ଼ମ୍ବା,୩୦ା୯(ଡି.ଏନ.ଏ.)**

ବଡ଼ମ୍ବା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ପାଲା ମାଧ୍ୟମରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଏସିଡ୍ ଆକ୍ରମଣର ଶିକାର ହେଉଥିବା ପୀଡ଼ିତଙ୍କ ପାଇଁ କେଉଁ ପ୍ରକାର ଆଇନ ସହାୟତା ଏବଂ ଭରଣ ପୋଷଣର ବ୍ୟବସ୍ଥା ରହିଛି ସେନେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ତାଲୁକ ଆଇନ ସେବା କମିଟି ଅଧକ୍ଷା ରେଖାରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ ଯୋଗ ଦେଇଥିଲେ। ଉପସ୍ଥିତ ଜନସାଧାରଣ ଏହା ଦ୍ୱାରା ଆଇନଗତ ସଚେତନ ହୋଇ ପାରିଥିଲେ।



ଗାୟକମାନେ ପାଲା କରି ସଚେତନ କରାଉଛନ୍ତି।

## ସମ୍ପର୍କ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ

**ବାଙ୍କୀ,୩୦ା୯(ସ୍ୱ.ପ୍ର.)**



ସାରସ୍ୱତ ସମ୍ମେଳନରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା ଓ ଅନ୍ୟମାନେ।

ବାଙ୍କୀ ବୈଦେଶ୍ୱର ଅମରନାଥ ଦେବଙ୍କ ପୀଠରେ ସମ୍ପର୍କ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବରିଷ୍ଠ କବି କାମଦେବ ମହାପାତ୍ର ସଭପତିତ୍ୱ କରିଥିବା ବେଳେ ବଡମ୍ବା ବିକଚ ସାହିତ୍ୟ ସଂସଦ ସଭାପତି ଦୁର୍ଯ୍ୟୋଧନ ବରାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି, କବି କୌଶିକ ନାୟକ, କଳାପଥର କେନ୍ଦ୍ର ସମବାୟବ୍ୟାଙ୍କ ଶାଖା ପରିଚାଳକ ଅମ୍ବରିସ୍ ଦାଶ, ବିକଚ ସାହିତ୍ୟ ସଂସଦ ସଞ୍ଚାଳକ କାଳନ୍ଦୀ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପର୍କ ସାହିତ୍ୟ ସଂସଦ ସଭାପତି ସୁରଞ୍ଜନ ପଣ୍ଡା ଓ ସମ୍ପାଦକ ରବିନାରାୟଣ ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବରାଳ କବିତାର ରସବୋଧ ପାଠକଙ୍କ ହୃଦୟ ଗ୍ରାହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ମେଳନ ବାଙ୍କୀ-ବଡମ୍ବା-ନରସିଂହପୁର ସାହିତ୍ୟିକମାନଙ୍କ ସମ୍ପର୍କର ରଜ୍ଜୁବୋଲି ସୁରଞ୍ଜନ ପଣ୍ଡା ପ୍ରକାଶ କରିଥିଲେ। ବିଭିନ୍ନ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବରାଳଙ୍କୁ 'ସମ୍ପର୍କ ତ୍ରିକୁଟ ତୀର୍ଥ ସମ୍ମାନ' କୌଶିକ ନାୟକଙ୍କୁ 'ସମ୍ପର୍କ ଶୈଳୀ ସେଫାଳି' କବି ମନମୋହନ ରାଉତଙ୍କୁ 'ରକ୍ତ ଧ୍ୱଜ ସମ୍ମାନ' ଅମ୍ବରିସ ଦାଶଙ୍କୁ 'ସମ୍ପର୍କ ସେବା ସୌରଭ' ଦୀନବନ୍ଧୁ ରାଉତଙ୍କୁ 'ସମ୍ପର୍କ ହରିଶ୍ଚନ୍ଦ୍ର ସମ୍ମାନ', ବିଶ୍ୱନାଥ ଷଡ଼ଙ୍ଗୀ ଏବଂ ରଘୁନାଥ ପଣ୍ଡାଙ୍କୁ ସମ୍ପର୍କ ସାହିତ୍ୟି ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବି ସମ୍ମିଳନୀରେ କବି ପୁଷ୍ପଲତା ମହାପାତ୍ର, ଅମୂଲ୍ୟବାଳା ପଟ୍ଟନାୟକ, ପବନୀ ଜେନା, ହରିବନ୍ଧୁ ପଣ୍ଡା, ନବକିଶୋର ମହାରଣା, ଜଗନ୍ନାଥ ବାରିକ, ଗଙ୍ଗାଧର ଓଝା ଓ ସୀତାକାନ୍ତ ପାଣିଗ୍ରାହୀ ପ୍ରମୁଖ ଶତାଧିକ କବି କବିତା ପାଠ କରିଥିଲେ।



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।
-ପର୍ଲ ଏସ୍. ବକ୍



## ସଂକ୍ଷେପରେ

### କର୍କଟ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ,୩୦।୯:** ସ୍ଥାନୀୟ ଡଗରପଡାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ପରିସରରେ ରବିବାର କର୍କଟ ରୋଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ଏବଂ ଲାୟନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁମ୍ବାଇସ୍ଥିତ ଏକ କର୍କଟ ନିରାକରଣ ଫାଉଣ୍ଡେଶନ୍‌ର କର୍ମକର୍ତ୍ତା କବିତା ମିଶ୍ର ଓ ଗାୟତ୍ରୀ ମହାନ୍ତି ପ୍ରମୁଖ ଆଶ୍ରମର ଅନ୍ତେବାସୀ, କର୍ମକର୍ତ୍ତା ଓ ଉପସ୍ଥିତ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏଥିସହ କର୍କଟ ରୋଗର କାରଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ବୁଝାଇବା ସହ ଲୋକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

### କବି ମୁରଲୀଧର ପାଇଟାଲଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ, ୩୦।୯:** ଭ୍ରାମ୍ୟମାଣ ଶିଶୁ ସାହିତ୍ୟ ଅନୁଷ୍ଠାନ ଧ୍ରୁବତାରା ପକ୍ଷରୁ କବି ମୁରଲୀଧର ପାଇଟାଲଙ୍କ ବିୟୋଗରେ ଏକ ଶୋକସଭା ତଳତେଲେଙ୍ଗାବଜାରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ସାହିତ୍ୟିକ ନଦିଆ ବିହାରୀ ମହାନ୍ତି ସଭାପତିତ୍ୱ କରିଥିଲେ। ପାଇଟାଲ ଜଣେ ବାଣୀ ସାଧକ, ବା ଆଧାତ୍ମବାଦୀ ଓ ବିଖ୍ୟାତ କାଷ୍ଠଶିଳ୍ପୀ ଭାବରେ ସୁପରିଚିତ ଥିଲେ। ପ୍ରତ୍ୟହ ସେ କଟକର ବିଭିନ୍ନ ମନ୍ଦିରରେ ପ୍ରାର୍ଥନା ସଙ୍ଗୀତଗାନ କରୁଥିଲେ। ଧ୍ରୁବତାରା ଅନୁଷ୍ଠାନର ସେ ପ୍ରତିଷ୍ଠାତା ସଭ୍ୟ ଥିଲେ। ଅନେକ ସରକାରୀ ପଦସ୍ଥ ଅଧିକାରୀମାନେ ତାଙ୍କଠାରୁ ବ୍ୟାୟାମ ଓ ଯୋଗାଶିକ୍ଷା କରିଛନ୍ତି। ସେ ଜଣେ ସଙ୍ଗୀତଜ୍ଞ ଥିଲେ ମଧ ରାଗ, ତାଳ ଓ ଲୟ ଉପରେ ଅଗାଧ ଜ୍ଞାନ ଥିଲା ବୋଲି ସଭାରେ ମତପ୍ରକାଶ ପାଇଥିଲା। ତାଙ୍କର ଯୋଗ ଓ ବ୍ୟାୟାମ ବହି ରୁଷ ଭାଷାରେ ଅନୁବାଦ ହୋଇ ରୁଷିଆ ଦେଶର ବିଭିନ୍ନ ବିଦ୍ୟାଳୟରେ ଚଳୁଛି ବୋଲି ଉପସ୍ଥିତ ଅତିଥି କହିଛନ୍ତି। ସଭାରେ ପ୍ରସନ୍ନ ଦାଶ, ଡ. ସ୍ମାରକ ରଞ୍ଜନ ମହାନ୍ତି, ସ୍ୱର୍ଣ୍ଣଲତା ସିଂସାମନ୍ତ, ବୀରେନ୍ଦ୍ର ସିଂସାମନ୍ତ, ଲକ୍ଷ୍ମଣ ମଲ୍ଲିକ, ରବୀନ୍ଦ୍ର ସେଠୀ, ସୁଧୀର ନାୟକ, ଦିଲ୍ଲୀପ ଦାସ, ଭୁବନାନନ୍ଦ ମହାନ୍ତି, ବିଶ୍ୱବିହାରୀ ମହାନ୍ତି, ସାଇ ପ୍ରୀତମ ପ୍ରମୁଖ ଉପସ୍ଥିତ ଥିଲେ। ଅମିତା ବେହେରା ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ କଲେଜ କର୍ମଚାରୀଙ୍କ ପରଲୋକ

**ଚୌଦ୍ୱାର, ୩୦।୯ (ଡି.ଏନ.ଏ.):** ଚୌଦ୍ୱାର ଓ ଆଠଗଡ କଲେଜରେ କାର୍ଯ୍ୟକରି ଅବସର ନେଇଥିବା ବରିଷ୍ଠ କିରାଣି ପବିତ୍ର ମୋହନ ବେହେରାଙ୍କ ରବିବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ କିଛିଦିନ ହେବ କିଡନୀ ରୋଗରେ ଆକ୍ରାନ୍ତ ହୋଇ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେଠାରେ ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଥିଲା। ପରେ ତାଙ୍କ ମରଶରୀରକୁ ଚିକିତ୍ସାଳୟରୁ ଚୌଦ୍ୱାର ପ୍ରଧାନସାହିସ୍ଥିତ ତାଙ୍କ ବାସଭବନକୁ ପରିବାର ଲୋକେ ଆଣିଥିଲେ। ଏଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିବାପରେ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ସତ୍କାର କରାଯାଇଥିଲା। ବେହେରା ଉକ୍ତ ଅଞ୍ଚଳର ବହୁ ଶିକ୍ଷାନୁଷ୍ଠାନ ଓ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନାରେ ନିଜକୁ ନିୟୋଜିତ କରିଥିଲେ।

# ଏବେଠୁ ଜଟିଳ ହେଲାଣି ଟ୍ରାଫିକ୍ ସମସ୍ୟା

**ଭୁବନେଶ୍ୱର, ୩୦।୯(ବ୍ୟୁରୋ)**

ଆଗକୁ ଆସୁଛି ଶାରଦୀୟ ଦୁର୍ଗା ପୂଜା। ଏହି ସମୟରେ ଭୁବନେଶ୍ୱରର ଗଳିକନ୍ଦି ରାସ୍ତାଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାଗୁଡ଼ିକରେ ଜନଗହଳି ଲାଗିରହିବ। ଗାଡି ମୋଟର ସଂଖ୍ୟା ମଧ ବଢ଼ିବ। ଭିଡ଼ ନିୟନ୍ତ୍ରଣ କରିବା କମିଶନରେଟ ପୋଲିସ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହେବ। କିନ୍ତୁ ରାସ୍ତାଘାଟଣ ଯେଉଁଭଳି ଅବସ୍ଥା ରହିଛି ସେଥିପାଇଁ ଏବେଠାରୁ ସହରର ଟ୍ରାଫିକ ବ୍ୟବସ୍ଥା ଜଟିଳ ରୂପ ଧାରଣ କଲାଣି। ସାମନ୍ତରାପୁରରୁ କଳ୍ପନା, ରସଲଗଡ଼ରୁ କଳ୍ପନା, ରାଜମହଲରୁ ଏଜି ଛକ, ମାଷ୍ଟରକ୍ୟାଣ୍ଟିନ-ବାଣୀବିହାର, ଜୟଦେବ ବିହାରରୁ ପଟିଆ ସମେତ ଅନ୍ୟାନ୍ୟ ମୁଖ୍ୟ ରାସ୍ତାଗୁଡ଼ିକରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ରାସ୍ତା ଖୋଳିଦିଆଯାଇଥିବାରୁ ଗାଡ଼ିମୋଟର ଜାମ୍ ହେଉଛି। ବମିଖାଲ ଓଭରବ୍ରିଜ ନିକଟ ଏକାମ୍ର ହଲ୍ ସମ୍ମୁଖ ରାସ୍ତା, ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ ରାସ୍ତାରେ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଟ୍ରାଫିକ ପରିସ୍ଥିତି ଅଣାୟତ୍ତ ହେଉଛି।

ସକାଳେ ଏବଂ ସନ୍ଧ୍ୟା ସମୟରେ ରାଜମହଲ ଛକରୁ ଏଜି ଛକକୁ ଯିବାକୁ ୪୫ ମିନିଟ ଲାଗୁଛି। ଏହାସହ କମିଶନରେଟ୍ ମୁଖ୍ୟାଳୟରୁ ପଟିଆ ରାସ୍ତାରେ ଅନୁରୂପ ସମସ୍ୟା ଦେଖାଦେଉଛି। ଅନ୍ୟପଟେ କେତେକ ସ୍ଥାନରେ ରାସ୍ତା ଉପରେ ପୋଲିସ ପକ୍ଷରୁ ହେଲମେଟ ଚେକିଂ କରାଯାଉଥିବାରୁ ରାସ୍ତା ଜାମ ହେଉଛି। ହେଲମେଟ୍ ଚେକିଂ କରୁଥିବା ପୋଲିସ କର୍ମଚାରୀମାନେ ରାସ୍ତା ଉପରେ ଛିଡା ହୋଇ ଜଗି ରହୁଛନ୍ତି। ଯଦି କୌଣସି ବ୍ୟକ୍ତି ବିନା ହେଲମେଟରେ ଯାଉଛନ୍ତି ତେବେ କର୍ମଚାରୀମାନେ ମଝିରେ ବାଇକ ଚାଳକଙ୍କୁ ଅଟକାଇ ଚାବି ଛଡାଇ ଆଣୁଛନ୍ତି। ଏହା ମଧ ଟ୍ରାଫିକ ସମସ୍ୟା ସୃଷ୍ଟିର ଅନ୍ୟ ଏକ କାରଣ ପାଲଟୁଛି। ରବିବାର ମଧାହ୍ନରେ ସିଟିଓମେନ୍ସ କଲେଜ ନିକଟରେ ଏଭଳି ପରିସ୍ଥିତି ଉପୁଜିଥିଲା। ବିନା ହେଲମେଟରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଟ୍ରାଫିକ କର୍ମଚାରୀ ହଠାତ ରାସ୍ତା ମଝିରେ ଅଟକାଇ ତାଙ୍କ ବାଇକ୍‌ରୁ ଚାବି କାଢ଼ି ଆଣିଥିଲେ। ଫଳରେ ଉକ୍ତ ବ୍ୟକ୍ତିଙ୍କ ପଛରେ ସ୍କୁଟିରେ ଆସୁଥିବା ଜଣେ ମହିଳା ଭାରସ୍ୟାମ ହରାଇ ତାଙ୍କ ବାଇକ୍ ପଛରେ ପିଟିଥିଲେ। ଅଜିତ ପାଇଟାଳ ନାମକ ସ୍ଥାନୀୟ ବ୍ୟକ୍ତି କୁହନ୍ତି, ପୋଲିସ କେବଳ ଫାଇନ କାଟିବାରେ ବ୍ୟସ୍ତ ରହୁଥିବାବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଉନାହିଁ। ହେଲମେଟ୍ ଯାଞ୍ଚ କରିବା ଭଲ କଥା, କିନ୍ତୁ ତାହା ଠିକ୍ ଢଙ୍ଗରେ ହେବା ଉଚିତ। ପୋଲିସର ଏଭଳି କାର୍ଯ୍ୟଧାରାରେ ଜନସାଧାରଣ ଅତିଷ୍ଠ ହେଉଛନ୍ତି।

ଅପରପକ୍ଷେ ପୂଜାକୁ ଦୃଷ୍ଟିରେ ରଖି କିଭଳି ଟ୍ରାଫିକ୍ ସମସ୍ୟାକୁ ସମାଧାନ କରିହେବ ସେଥିଲାଗି କମିଶନରେଟ ପୋଲିସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଯୋଜନା ଗ୍ରହଣ କରାଯାଇନାହିଁ। ବରଂ ପୂଜାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୂଜା କମିଟିରେ ଥିବା ସ୍ୱେଚ୍ଛାସେବୀମାନଙ୍କ ଉପରେ ଦାୟିତ୍ୱ ଛାଡି ଦିଆଯାଇଛି। ସେମାନେ ପୂଜା ମଣ୍ଡପ ଆଗରେ ଟ୍ରାଫିକ୍ ନିୟନ୍ତ୍ରଣ କରିବେ। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ହେଲ୍‌ମେଟ ଯାଞ୍ଚ ବେଳେ ରାସ୍ତା ମଝିରେ ଗାଡ଼ି ଅଟକାଇ ଲୋକଙ୍କୁ ହଇରାଣ ନ କରିବାକୁ କର୍ମଚାରୀଙ୍କୁ କୁହାଯାଇଛି। ଯେଉଁ ଟ୍ରାଫିକ୍ କର୍ମଚାରୀ ଏଭଳି କରୁଛନ୍ତି ସେମାନଙ୍କୁ ତାଗିଦ କରାଯିବ। ଏହାସହ ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ କିପରି କରାଯିବ ନେଇ ଏକ ବୈଠକ ବସିବ। ଟ୍ରାଫିକ୍‌ନିୟନ୍ତ୍ରଣ ଉପରେ ଏକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ସେ କହିଛନ୍ତି।

**ଆସୁଛି ଦୁର୍ଗାପୂଜା**



■ରାସ୍ତା ଉପରେ ହେଲମେଟ ଚେକିଂ, ଯାତ୍ରୀ ଅତିଷ୍ଠ

### ଶିଶୁଆ-ଛାଣିପୁର ୬ ନଂ. କେନାଲ ବନ୍ଧ ରାସ୍ତା ଶୋଚନୀୟ

**ସାଲେପୁର,୩୦।୯(ଡି.ଏନ.ଏ.)**

କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ଥିବା ସାଲେପୁର ବ୍ଲକ୍ ୬ନଂ. କେନାଲ୍ ବନ୍ଧର ଡାହାଣ ପାର୍ଶ୍ୱ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଶିଶୁଆ ବଜାର ପୋଲଠାରୁ ଛାଣିପୁର ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତାର ବହୁସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏପରି କି କେତେକ ସ୍ଥାନରେ ପିଚୁ ଉଠିଯିବାରୁ ଗୋଡ଼ିଗୁଡ଼ିକ ଉପରକୁ ଦେଖାଯାଉଛି। ଉକ୍ତ ରାସ୍ତାଟି ଶିଶୁଆ, ନଇଗୁଆଁ, ଛାଣିପୁର, ସିଡ଼ୋ, ଭୀମଦାସପୁର ଆଦି ପଞ୍ଚାୟତ ଲୋକଙ୍କ ଗମନାଗମନ ପାଇଁ ପ୍ରମୁଖ ରାସ୍ତା। ରାସ୍ତାର ଦୂରାବସ୍ଥା ଯୋଗୁ ଲୋକମାନେ ଗମନାଗମନ କ୍ଷେତ୍ରରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରିକାଳୀନ ଗାଡ଼ିଗୁଡ଼ିକ ଉକ୍ତ ରାସ୍ତାଦେଇ ଯିବାରେ ଅସୁବିଧା ହେଉଛି। କେତେକ ସ୍ଥାନରେ ଗଛଲତା ରାସ୍ତା ଉପରକୁ ମାଡ଼ିଆସିଥିବା ଦେଖିବାକୁ ମିଳିଛି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲେ ମଧ ବାଧହୋଇ ଲୋକମାନେ ଯାତାୟାତ କରୁଛନ୍ତି। ତେଣୁ ଶୀଘ୍ର ରାସ୍ତା ମରାମତି ପାଇଁ ଜଳସେଚନ ବିଭାଗ ନିକଟରେ ଦାବି ହୋଇଛି।



ରବିବାର ଶହୀଦ ଭବନରେ କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନର ବାର୍ଷିକ ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

### କଟକ ସଦର ବିଜେଡି ପକ୍ଷରୁ ପଦଯାତ୍ରା ପ୍ରସ୍ତୁତି

**ନେମାଲ,୩୦।୯(ଡି.ଏନ.ଏ.)**

କଟକ ସଦର ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଗ୍ରାମାଭିମୁଖୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ପଦଯାତ୍ରା ମାଧ୍ୟମରେ ପ୍ରଚାରିତ କରାଯିବ। ଗାନ୍ଧୀ ଜୟନ୍ତୀଠାରୁ ଏକ ମାସ ପର୍ଯ୍ୟନ୍ତ ଏହି ପଦଯାତ୍ରା ସମଗ୍ର ନିର୍ବାଚନମଣ୍ଡଳୀ ଗ୍ରସ୍ତକରିବ ବୋଲି କଟକ ସଦର ବିଧାୟକ ତଥା କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି। ଗାନ୍ଧୀ ଜୟନ୍ତୀରେ ତେଲଙ୍ଗା ପୀଠସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବାପରେ ପଦଯାତ୍ରାର ଶୁଭାରମ୍ଭ ହେବ। ନଭେମ୍ବର ୨ରେ ବିଭିନ୍ନ ପଞ୍ଚାୟତକୁ ମନ୍ତ୍ରୀ ବେହେରା ପଦଯାତ୍ରାରେ ଯାଇ ସଚେତନତା ସୃଷ୍ଟି କରିବେ।

## ଏମ୍. ସୀମାଦ୍ରିଙ୍କୁ ବାଦ୍ୟ ଭାରତୀ ସମ୍ମାନ

**ଭୁବନେଶ୍ୱର, ୩୦।୯(ବ୍ୟୁରୋ)**

ସଙ୍ଗୀତ ସୁଧାକର ସ୍ମୃତି ସଂସଦ, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ହେରିଟେଜ୍ ଓ ସୁଷମା ସଙ୍ଗୀତ ସଦନ ପକ୍ଷରୁ ରବିବାର ସୁଚନା ଭବନଠାରେ ବାଳକୃଷ୍ଣ ଦାଶ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ସନ୍ଧ୍ୟାକୁ ସଙ୍ଗୀତ ସୁଧାକର ସ୍ମୃତି ସଂସଦର ଉପସଭାପତି ନାରାୟଣ ପ୍ରସାଦ ସିଂହଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା। ଏହି ଅବସରରେ ବଂଶୀବାଦକ ଏମ୍. ସୀମାଦ୍ରିଙ୍କୁ ବାଦ୍ୟ ଭାରତୀ ସମ୍ମାନ-୨୦୧୮ ପ୍ରଦାନ କରାଯାଇଥିଲା। ଏଥିସହିତ ସକାଳେ ବୁଦ୍ଧ ମନ୍ଦିରରେ ଆୟୋଜିତ ରାଜ୍ୟସ୍ତରୀୟ ବାଳକୃଷ୍ଣ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ସଂସ୍କୃତିପ୍ରେମୀ ଡ. କରୁଣାକର ପ୍ରଧାନ, ରୋଟାରୀ କ୍ଲବ ଭୁବନେଶ୍ୱର ହେରିଟେଜ୍‌ର ସଭାପତି ବିଷ୍ଣୁ ମୋହନ ମହାନ୍ତି, ସୁଷମା ସଙ୍ଗୀତ ସଦନର ସଭାପତି ଡି. କେ. ରାୟ, ସଙ୍ଗୀତ ସୁଧାକର ସ୍ମୃତି ସଂସଦର ସଭାପତି ଶାରଦା ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭିକ ସଭା ପୂର୍ବରୁ ଶିଶୁ ପ୍ରତିଭାମାନଙ୍କ ଦ୍ୱାରା ସମବେତ ସଙ୍ଗୀତ ଜଗବନ୍ଧୁ ପରି ଜଣେ ସାମନ୍ତ ପରିବେଷିତ ହୋଇଥିଲା। ଏହା ପରେ ପରେ ଆକାଂକ୍ଷା, ବବିତା ଆଚାର୍ଯ୍ୟ, ନନ୍ଦିନୀ ମହାନ୍ତି, ମିତାଲି ଚିନ୍ନାରା, ଅଶ୍ୱିନୀ ମହାନ୍ତି, ରନ୍ଦୀପ ପାଲିତ୍, ଛନ୍ଦା ମିଶ୍ର, ଲକ୍ଷ୍ମୀକାନ୍ତ ପାଲିତ୍ ଓ ବିଦ୍ୟୁତ୍‌ପ୍ରଭା ପାଲିତ୍ ପ୍ରମୁଖ କଣ୍ଠଶିଳ୍ପୀ ଏକକ ଏବଂ ଦ୍ୱୈତ ଭାବେ ଗୀତ ଗାଇଥିଲେ।



ରବିବାର ଶ୍ରୀଶ୍ରୀ ଷୋଳପୁଅ ମା' ଘଟକୁ ଓଡ଼ିଆ ବଜାର ତେଲୁଗୁ ଷ୍ଟ୍ରିଟ ଅଞ୍ଚଳ ଦେଇ ଶୋଭାଯାତ୍ରାରେ କଟକ ବାଉଁଶଗଳି ପୂଜାମଣ୍ଡପକୁ ନିଆଯାଉଛି।

# ଦୃଢ଼ ସମବାୟ ଆନ୍ଦୋଳନ ଦେଶର ଉନ୍ନତି ପାଇଁ ଅପରିହାର୍ଯ୍ୟ

**କଟକ ଅଫିସ, ୩୦।୯**

**କ୍ରେଡିଟକୋର ସ୍ୱନକ୍ଷତ୍ର ଦିବସ ପାଳିତ**

କଟକ କ୍ରେଡିଟ୍ କୋଅପରେଟିଭ ସୋସାଇଟି ଲିଃ (କ୍ରେଡିଟ୍‌କୋ)ର ବିଂଶତମ ସ୍ୱନକ୍ଷତ୍ର ଦିବସ ଏବଂ ସାଧାରଣ ପରିଷଦ ବୈଠକ ରବିବାର ପୂର୍ବାହ୍ନରେ କ୍ରେଡିଟକୋର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ରେଡିଟ୍‌କୋ ସଭାପତି ସମବାୟବିତ୍ ମହେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ମୁଖ୍ୟଅତିଥି ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟ ତଥା ରାଷ୍ଟ୍ରର ଉନ୍ନତି ଅନେକ ପରିମାଣରେ ସମବାୟ ଉପରେ ନିର୍ଭର କରିଥାଏ। ଏଣୁ ବିକାଶ ପାଇଁ ସମବାୟ ଆନ୍ଦୋଳନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ପ୍ରଗତୀ ପାଇଁ ପ୍ରାକୃତିକ ସମ୍ବଳ ଅପେକ୍ଷା ମାନବ ସମ୍ବଳର ଅତ୍ୟନ୍ତ ଆବଶ୍ୟକତା ରହିଛି। ଅର୍ଥନୈତିକ ପ୍ରଗତୀ ପାଇଁ ଲୋକଙ୍କର ଆଗ୍ରହ ଓ ଅଭିଜ୍ଞତା ସଦାସର୍ବଦା ଆବଶ୍ୟକ। ନୀତିନିଷ୍ଠ ମାର୍ଗଦର୍ଶନ ଓ ଦୃଢ଼ ସମବାୟ ନେତୃତ୍ୱ ଯୋଗୁ କ୍ରେଡିଟକୋ ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ଭାଜନ ହୋଇପାରିଛି। ବହୁ ଘାତ ପ୍ରତିଘାତ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କ୍ରେଡିଟ୍‌କୋ ସମଗ୍ର ରାଜ୍ୟରେ ଶ୍ରେଷ୍ଠ ସମବାୟ ଅନୁଷ୍ଠାନ ଭାବେ ପରିଗଣିତ ହୋଇଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିସାବ ନୀରିକ୍ଷକ ରବୀନ୍ଦ୍ର କୁମାର ଦାଶ କହିଥିଲେ, ଦୀର୍ଘ ଦୁଇ ଦଶନ୍ଧି ଧରି କ୍ରେଡିଟ୍‌କୋ ହାସଲ କରିଥିବା ଏହି ସଫଳତା କେବଳ ପରିଚାଳନା ପରିଷଦ କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ନିଷ୍ଠା, ନିଃସ୍ୱାର୍ଥପର ଏବଂ ସୁପରିଚାଳନା ଯୋଗୁ ସମ୍ଭବ ହୋଇପାରିଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଶୁଭଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶାଖା ପରିଚାଳକ ଅତିଶ କୁମାର ବେହେରା, ପ୍ରଶାନ୍ତ କୁମାର ପଟ୍ଟନାୟକ, ବିଶ୍ୱଭୂଷଣ ମହାରଣା, ରୀତାଞ୍ଜଳି ବାରିକ ଏବଂ ଆଲୋକ କୁମାର ବସ୍ତିଆ ପ୍ରମୁଖ ସଭା ପରିଚାଳନା କରିଥିଲେ।

### ପାଲା ମାଧ୍ୟମରେ ଆଇନ ସଚେତନତା

**ବଡ଼ମ୍ବା,୩୦।୯(ଡି.ଏନ.ଏ.):** ବଡ଼ମ୍ବା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ପାଲା ମାଧ୍ୟମରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଏସିଡ୍ ଆକ୍ରମଣର ଶିକାର ହେଉଥିବା ପୀଡ଼ିତଙ୍କ ପାଇଁ କେଉଁ ପ୍ରକାର ଆଇନ ସହାୟତା ଏବଂ ଭରଣ ପୋଷଣର ବ୍ୟବସ୍ଥା ରହିଛି ସେନେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ତାଲୁକ ଆଇନ ସେବା କମିଟି ଅଧକ୍ଷା ରେଖାରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ ଯୋଗ ଦେଇଥିଲେ। ଉପସ୍ଥିତ ଜନସାଧାରଣ ଏହା ଦ୍ୱାରା ଆଇନଗତ ସଚେତନ ହୋଇ ପାରିଥିଲେ।

# ବିଜୁ ମହିଳା ଜନତା ଦଳ ମହାସମାବେଶ

**ନିଆଳି, ୩୦।୯(ଡି.ଏନ୍.ଏ.)**

ନିଆଳି ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ମହିଳା ମହାସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ନିଆଳି ବ୍ଲକ ସ୍ଥିତ ହାଇସ୍କୁଲ ପଡିଆଠାରେ ଜିଲା ମହିଳା ସଭାନେତ୍ରୀ ଅନୁସୂୟା ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ପ୍ରମୋଦ କୁମାର ମଲ୍ଲିକ କହିଥିଲେ, ରାଜ୍ୟ ସରକାରଙ୍କ ମିଶନଶକ୍ତି ଯୋଜନା ଦ୍ୱାରା ୫୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଏଥିରେ ମୁଖ୍ୟବକ୍ତା ଭାବେ କଟକ ଜିଲା ପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ସମ୍ମାନିତ ଅତିଥି ଭାବେ ନିଆଳି ବ୍ଲକ ଅଧକ୍ଷା କଳ୍ପନା ପାଣି, କଣ୍ଟାପଡା ବ୍ଲକ ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ ସାହୁ, ଜିଲା ପରିଷଦ ସଦସ୍ୟ ପୁଷ୍ପଲତା ପାତ୍ର, ମାମିନା ଜେନା, ପୁଷ୍ପଲତା ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ। ପ୍ରାରମ୍ଭରେ ବିଜେଡି ସଙ୍ଗଠକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାନେତ୍ରୀ କବିତା ମହାପାତ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ପୁଲକ ମହାନ୍ତି, ଦେବାଶିଷ ଷଡଙ୍ଗୀ, ଆମ୍ବାର ଅଧକ୍ଷ ଆଦିତ୍ୟ ପାଣି, ବିଜେଡି ଯୁବ ସଙ୍ଗଠକ ବିଷ୍ଣୁଚରଣ ସ୍ୱାଇଁ, ସରପଞ୍ଚ ପ୍ରଶାନ୍ତ ସିଂଙ୍କ ସମେତ ୩ଟି ବ୍ଲକର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା କର୍ମୀ ଯୋଗଦେଇଥିଲେ।




ସମାବେଶରେ ବିଧାୟକ ପ୍ରମୋଦ ମଲ୍ଲିକଙ୍କ ସହ ଅନ୍ୟମାନେ।

# ଜାନୁୟାରୀ ୮, ୯ରେ ଦେଶବ୍ୟାପୀ ଧର୍ମଘଟ

**କଟକ ଅଫିସ, ୩୦।୯**

ଗଣବ୍ୟାଙ୍କ ବ୍ୟବସ୍ଥାକୁ ଧ୍ୱଂସ କରି ଘରୋଇକରଣ କରିବା ନିମନ୍ତେ ବ୍ୟାଙ୍କଗୁଡ଼ିକର ମିଶ୍ରଣ ପାଇଁ କେନ୍ଦ୍ରସରକାର ଲଗାତାର ଉଦ୍ୟମ କରୁଛନ୍ତି। ସରକାରଙ୍କ ସହାୟତାରେ ବିଭିନ୍ନ କର୍ପୋରେଟ ସଂସ୍ଥାର ଋଣ ଜାଲିଆତି ଯୋଗୁ ବ୍ୟାଙ୍କ ଶିଳ୍ପ ଗଭୀର ସଙ୍କଟରେ ରହୁଛି। ଯାହାକୁ ଜନସାଧାରଣଙ୍କ ଦୃଷ୍ଟିରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉଛି। ବ୍ୟାଙ୍କ ଗୁଡ଼ିକର ମିଶ୍ରଣ, ଘରୋଇକରଣ ଓ ଠିକାକରଣ କରାଯିବା ପ୍ରତିବାଦରେ ଆସନ୍ତା ୨୦୧୯ ଜାନୁୟାରୀ ୮ ଓ ୯ ତାରିଖରେ ଡାକରା ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟକୁ ସମର୍ଥନ କରାଯିବ। ବାରବାଟୀ ଷ୍ଟାଡିୟମସ୍ଥିତ କ୍ଲବ ହାଉସ ପରିସରରେ କାନାରା ବ୍ୟାଙ୍କ କର୍ମଚାରୀ ସମ୍ମିଳନୀ ଅବସରରେ ବିଭିନ୍ନ ବରିଷ୍ଠ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ଉପରୋକ୍ତ ମତ ଦେଇଛନ୍ତି। ଅରୁଣ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନିଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ(ଏଆଇବିଇଏ) ଯୁଗ୍ମ ସମ୍ପାଦକ ଅଜୟ ମଞ୍ଜେରକର ଉଦ୍‌ଘାଟନ କରିଥିଲେ। ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ଡ. ସୌରୀବନ୍ଧୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କ ବ୍ୟବସ୍ଥାର ଜାତୀୟକରଣ ଲକ୍ଷ୍ୟକୁ ଭ୍ରଷ୍ଟ କରିବାକୁ ପ୍ରଚେଷ୍ଟା ହେଉଛି ବୋଲି କହିଛନ୍ତି। ଗ୍ରାମାଞ୍ଚଳରେ ଶାଖା ଖୋଲି, ଗ୍ରାମ୍ୟ କାରିଗର, କ୍ଷୁଦ୍ରଶିଳ୍ପ ଆଦିକୁ ଋଣ ପ୍ରଦାନ କରିବା ସହ ବ୍ୟାଙ୍କ ସେବା ସୁଲଭ କରିବାର ଲକ୍ଷ୍ୟ ରହିଥିଲା। ମାତ୍ର ଏବେ ଏହା ପରିଲକ୍ଷିତ ହେଉନାହିଁ ବୋଲି ସୌରୀବନ୍ଧୁ ମତ ଦେଇଥିଲେ। ବ୍ୟାଙ୍କ କର୍ମଚାରୀ, ଶ୍ରମିକ ଶ୍ରେଣୀ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଛନ୍ତି ବୋଲି କାନାରା ବ୍ୟାଙ୍କ କର୍ମଚାରୀ ସଂଘର ସର୍ବଭାରତୀୟ ସଭାପତି ଡ. ଭି.କେ. ସିଂ, ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ କହିଥିଲେ। କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ରାଜ୍ୟରେ ବ୍ୟାଙ୍କର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅରୁଣ କୁମାର ତ୍ରିପାଠୀ ରାଜ୍ୟ କାନାରା ବ୍ୟାଙ୍କ ସଂଘର ଅଧକ୍ଷ ଭାବେ ପୁନଃନିର୍ବାଚିତ ହୋଇଥିବା ବେଳେ ଶୁଭ୍ରାଂଶୁ ଶେଖର ଶତପଥୀ ସମ୍ପାଦକ ଭାବେ ନବନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ବିପିନ ବିହାରୀ ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।




ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧ ଅକ୍ଟୋବର, ୨୦୧୮



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ ତେବେ
ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।
- ପର୍ଲ ଏସ୍. ବକ୍



## ସଂକ୍ଷେପରେ

### ବିଜେଡି ମହିଳା ସମାବେଶ

**ଖୋର୍ଦ୍ଧା ଅଫିସ, ୩୦।୯:** ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ଶହୀଦ କୃତ୍ତିବାସ ଟାଉନ୍ ହଲଠାରେ ବିଜେଡି ମହିଳା ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଭବାନୀ ଶଙ୍କର ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ ଯୋଗଦେଇ ମହିଳାମାନଙ୍କ ଉଦ୍ଦେଶ୍ୟରେ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିରେ ମହିଳା ପର୍ଯ୍ୟବେକ୍ଷକ ଜ୍ୟୋତ୍ସ୍ନାରାଣୀ ଜେନା, ବ୍ଲକ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷା ରୀତା ସେଠୀ, ସଭାନେତ୍ରୀ ସତ୍ୟନାରାୟଣ ପ୍ରଧାନ ଓ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ, ୩୦।୯:** ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ପୁବୁସାହି ଓଳସିଂହ ଗାଁର ଦାମୋଦର ରଣା (୫୫)ଙ୍କର ମୃତ୍ୟୁ ଘଟିଛି। ଦାମୋଦର ସାଇକେଲ ଯୋଗେ ଶନିବାର ଅପରାହ୍ଣରେ ଗାଁକୁ ଫେରୁଥିଲେ। ପୁବୁସାହି ଗାଁ ମୁଣ୍ଡରେ ପଛ ପାଖରୁ ଏକ ବାଇକ୍ ଧକ୍କା ଦେଇ ପଳାଇ ଯାଇଥିଲା। ଦାମୋଦରଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଦାମୋଦର ଶନିବାର ପ୍ରାଣ ହରାଇଥିଲେ। ଖୋର୍ଦ୍ଧା ଟାଉନ ଥାନାରେ ନଂ. ୩୮୨/୧୮ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

### ବେଗୁନିଆ କଲେଜରେ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ବେଗୁନିଆ,୩୦।୯ (ଡି.ଏନ.ଏ.):** ବେଗୁନିଆ ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ କୈଳାସ ଚନ୍ଦ୍ର ମିଶ୍ର ରବିବାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକଙ୍କ ସମେତ ଉପସ୍ଥିତ କର୍ମଚାରୀଙ୍କ ଗହଣରେ ପୂର୍ବତନ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ତାଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଅଧକ୍ଷ ଅବସର ନେବା ପରେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧନା ଜଣାଇଥିଲେ।

### ଅଣଗେଜେଟେଡ୍ ବନ କର୍ମଚାରୀଙ୍କ ସାଧାରଣ ଅଧିବେଶନ

**ବାଲୁଗାଁ,୩୦।୯(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଅଣଗେଜେଟେଡ୍ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ରବିବାର ବାଲୁଗାଁ ଏନ୍ଏସି ଅଡ଼ିଟୋରିଅମ ହଲ୍ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସିନ୍ଧୁ ଚରଣ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ବିକାଶ ରଞ୍ଜନ ଦାଶ ମୁଖ୍ୟ ଅତିଥି, ସମୀର କୁମାର ବେହେରା ମୁଖ୍ୟ ବକ୍ତା ଓ ଗୌରୀ ଶଙ୍କର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ସିଂ ବନ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ପରେ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ସରକାରଙ୍କ ନିକଟରେ ଏହା ଉତ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ବିଶ୍ୱ ରଞ୍ଜନ ମିଶ୍ର ଓ ସମ୍ପାଦକ ହେମନ୍ତ କୁମାର ନାୟକ ନିର୍ବାଚିତ ହୋଇଥିଲେ।

### ବ୍ଲକସ୍ତରୀୟ ବିଜେଡି ମହିଳା ସମାବେଶ

**ବୋଲଗଡ଼,୩୦।୯(ଡି.ଏନ.ଏ.):** ବୋଲଗଡ ନନ୍ଦିଘୋଷ ଭବନ ସମ୍ମିଳନୀ କକ୍ଷରେ ରବିବାର ବିଜେଡିର ବ୍ଲକସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଜେଡି ବ୍ଲକ ମହିଳା ସଭାନେତ୍ରୀ ଶୈଳବାଳା ବାହିନୀପତି ପୌରୋହିତ୍ୟ କରିଥିଲେ। ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ମହିଳା କଲ୍ୟାଣକର ଯୋଜନାଗୁଡିକ ବିଷୟରେ କହିଥିଲେ। ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ , ତିଲୋତ୍ତମା ସୁବୁଦ୍ଧି , ସମିତି ସଭ୍ୟ ବୀର କିଶୋର ଦାସ, ପ୍ରଭାତୀ ରାଉତରାୟ ଓ ସରପଞ୍ଚ ବବିତା ସାହୁ ପ୍ରମୁଖଙ୍କ ସମେତ ମହିଳାମାନେ ଯୋଗ ଦେଇଥିଲେ।

### ଭାଜପା ପକ୍ଷରୁ ଦସ୍ତଖତ ଅଭିଯାନ

**ଜଟଣୀ,୩୦।୯(ଡି.ଏନ.ଏ.):** ଆୟୁଷ୍ମାନ୍ ଭାରତ ଯୋଜନା ରାଜ୍ୟ ସରକାର ଗ୍ରହଣ ନ କରିବା ବିରୋଧରେ ଭାଜପା ପକ୍ଷରୁ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଜଟଣୀରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ସୁଦୀପ୍ତ ରାୟଙ୍କ ନେତୃତ୍ୱରେ ସ୍ଥାନୀୟ ସୀତାରାମ ଛକରେ ଏହା ଆୟୋଜିତ ହୋଇଥିଲା। ପ୍ରଶାନ୍ତ ପ୍ରଧାନ, ମହେଶ ମିଶ୍ର, ଅରବିନ୍ଦ ନାୟକ, ରୀନା ପଟ୍ଟନାୟକ, ପ୍ରୀତି ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ ଓ ସ୍ଥାନୀୟ ଅନେକ ଭାଜପା କର୍ମୀ ଉପସ୍ଥିତ ରହିଥିଲେ।

■ ଫାଇଲିନ୍ କ୍ଷତିଗ୍ରସ୍ତଙ୍କୁ ମିଳିଲାନି ଘର

## ତଦନ୍ତ କଲା ବିଧାନସଭା ଏଷ୍ଟିମେଟ୍ କମିଟି

**କୃଷ୍ଣପ୍ରସାଦ,୩୦।୯(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ୨୦୧୩ରେ ଫାଇଲିନ୍ ବାତ୍ୟା ଯୋଗୁ ବହୁ କ୍ଷୟକ୍ଷତି ଘଟିବା ସହ ଅନେକ ଘର ଭାଙ୍ଗି ଯାଇଥିଲା। ଆବାସ ଯୋଜନା ଅନୁସାରେ କ୍ଷତିଗ୍ରସ୍ତଙ୍କୁ ଘର ଯୋଗାଇ ଦେବା ନିମନ୍ତେ ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ଗୃହ ପାଇବା ନିମନ୍ତେ ଯେଉଁ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ପଡ଼ିଛନ୍ତି ସେମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ତେଣୁ ସରକାରୀସ୍ତରରେ ପ୍ରକୃତ ହିତାଧିକାରୀ ଚିହ୍ନଟ ନିମନ୍ତେ ଏବେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ତଦନ୍ତ ପାଇଁ ବିଧାନସଭା ଏଷ୍ଟିମେଟ୍ କମିଟି ଗଠନ କରାଯାଇଛି। କମିଟିର ଅଧକ୍ଷ ତଥା ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା, ପୁରୀ ସବ୍‌କଲେକ୍ଟର, କୃଷ୍ଣପ୍ରସାଦ ବିଡିଓ, ତହସିଲଦାର, ସମ୍ପ୍ରସାରଣ ଅଧିକାରୀ ଓ ଯନ୍ତ୍ରୀ ରବିବାର ମାଲୁଦ ପଞ୍ଚାୟତ ଗସ୍ତ କରି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫତେପୁର ଗାଁର ଅଭିରାମ ପରିଡ଼ା, ନେତ୍ରମଣି ପଲେଇ, ସଦାନନ୍ଦ ପଲେଇ, ଯୋଗେନ୍ଦ୍ର ପଲେଇ ଏବଂ ମୁସଲମାନ ବସ୍ତିର ଘରଗୁଡ଼ିକୁ କମିଟି ବୁଲି ବୁଲି ଦେଖିଥିଲା। ଏହାଦ୍ୱାରା ଅନେକ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ପ୍ରମାଣ ମିଳିଛି । ଯେଉଁ ସରକାରୀ କର୍ମଚାରୀଙ୍କ ଯୋଗୁ ଯୋଗ୍ୟ ହିତାଧିକାରୀ ବାଦ ପଡିଛନ୍ତି ଏବଂ ଦୁର୍ନୀତି ହୋଇଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଦାସବର୍ମା କହିଥିଲେ।



ବିଧାନସଭା ଏଷ୍ଟିମେଟ୍ କମିଟି ଫାଇଲିନ୍ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀଙ୍କ ତଦନ୍ତ କରୁଛନ୍ତି।

## ଖୋଲା ଶୌଚମୁକ୍ତ ଅଭିଯାନ

**ଖୋର୍ଦ୍ଧା ଅଫିସ, ୩୦।୯**

ବାଣପୁର ବ୍ଲକ କୁମାରାଙ୍ଗ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଖୋଲା ଶୌଚମୁକ୍ତ ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଶୋଭାଯାତ୍ରାରେ ଶୌଚମୁକ୍ତ ଅଭିଯାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକୁ କୁମାରାଙ୍ଗ ପଞ୍ଚାୟତର ସରପଞ୍ଚ ମନୋଜ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସତ୍ୟନାରାୟଣ ସ୍ୱାଇଁ, ନୋଡାଲ ଅଧିକାରୀ ନୃସିଂହ ଜେନା, ବ୍ଲକ କୋଅର୍ଡିନେଟର ରିତା ସାମନ୍ତରାୟ, ସଭାପତି ସୁଭଶ୍ରୀ ଜେନା, ସମ୍ପାଦକ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଜୁଯୁବ ବାହିନୀର ସଦସ୍ୟମାନେ ଭାଗ ନେଇଥିଲେ।

ଖୋର୍ଦ୍ଧାରେ ଆୟୁଷ୍ମାନ ରଥ

## ମାଗଣା ସ୍ୱାସ୍ଥ୍ୟ ସେବାରେ ରାଜ୍ୟ ସରକାର କଣ୍ଟା

**ଖୋର୍ଦ୍ଧା ଅଫିସ,୩୦।୯**

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ରଥ ରବିବାର ଖୋର୍ଦ୍ଧାରେ ପହଞ୍ଚି ସଚେତନତା ଆରମ୍ଭ କରିଛି। ଏହି ରଥ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ଯୋଜନାର ସୁଫଳ ଓ ରାଜ୍ୟ ସରକାରଙ୍କ ଅସହଯୋଗ ନେଇ ବୁଝାଇବ। ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବାରେ ଓଡ଼ିଶା ସରକାର କଣ୍ଟା ସାଜିଥିବା ଆୟୁଷ୍ମାନ ରଥ ଯୋଗେ ଭାଜପା ପ୍ରଚାର କରି ଲୋକଙ୍କ ନିକଟତର ହୋଇଛି। ଏହି ରଥକୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପ୍ରଭାରୀ ଉର୍ମିଳା ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାର ଯୋଗାଉଥିବା ବିଜୁ କୃଷକ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ହିତାଧିକାରୀମାନେ କେବଳ ରାଜ୍ୟରେ ପାଇ ପାରିବେ। କିନ୍ତୁ ରାଜ୍ୟ ବାହାରେ ଉପଲବ୍ଧ ହେବନାହିଁ। କିନ୍ତୁ ନରେନ୍ଦ୍ର ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ହିତାଧିକାରୀମାନେ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟସେବା ସାରା ଭାରତର ହସ୍ପିଟାଲରେ ପାଇପାରିବେ। ଏ ଅବସରରେ ଟାଉନହଲଠାରେ ଆୟୋଜିତ ଉତ୍ସବରେ ରାଜ୍ୟ ସରକାର କିପରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସେନେଇ ଟିପ୍ପଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ ମହାପାତ୍ର, ଯୁବ ସଙ୍ଗଠକ ଲୋକନାଥ ପ୍ରଧାନ, କାଳୁ ଖଣ୍ଡାୟତରାୟ, ଲଳିତ ମହାପାତ୍ର, ରଶ୍ମିମୟୀ ମିଶ୍ର, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ଠିକାଦାରି ପ୍ରୀତି ମହଙ୍ଗା ପଡ଼ିଲା

# ୫୭ ନଂ. ଜାତୀୟ ରାଜପଥ ମରଣଯନ୍ତା

**ଖୋର୍ଦ୍ଧା ଅଫିସ,୩୦।୯**

ଠିକାଦାରି ପ୍ରୀତି ମହଙ୍ଗା ପଡିଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ନେଇ ଅଭିଯୋଗ ଉଠିଥିଲା। ହେଲେ ଅଭିଯୋଗକୁ ଅଣଦେଖା କରାଯିବାରୁ ଅଳ୍ପ କେଇ ମାସ ଭିତରେ ୨୦ କୋଟି ଟଙ୍କାର ରାସ୍ତା ମରଣଯନ୍ତା ପାଲଟିଲା। ମରଣଯନ୍ତା ରାସ୍ତାକୁ ମରାମତି କରିବାରେ ଅଣଦେଖା କରାଯାଉଛି। ସ୍ଥାନେ ସ୍ଥାନେ ଡଷ୍ଟ ପକାଇ ରାସ୍ତା ମରାମତି ହେଉଛି। ଏହାଦ୍ୱାରା ରାସ୍ତାରେ ଅସମାନତା ହୋଇ ଅଧିକ ଖାଲଢ଼ିପ ସୃଷ୍ଟି ହୋଇଛି। ଖୋର୍ଦ୍ଧା ସହର ନୟାଗଡ ରୋଡ ଚଣ୍ଡିଚୁଆ ଛକର ଉଦାହରଣ ନେଲେ ଡଷ୍ଟ ପଡିବା ଯୋଗୁ ପ୍ରତିଦିନ ୫ରୁ ୧୦ଟି ଦୁର୍ଘଟଣା ଘଟୁଛି। ଏଣୁ ମରଣଯନ୍ତା ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇ ପଡିଲାଣି। ରାସ୍ତା ଖରାପ ଯୋଗୁ ଗତ ୨ ମାସ ମଧ୍ୟରେ ବେସରକାରୀ ତଥ୍ୟ ଆଧାରରେ ପ୍ରାୟ ୩୫୯ ଦୁର୍ଘଟଣା ଘଟି ସାରିଲାଣି। ଏଣୁ ଜାତୀୟ ରାଜପଥର ନିର୍ମାଣ ନେଇ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ଉଠିଛି।

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ପିତାପଲ୍ଲୀ ଛକରୁ ବାଘମାରୀ ମହିଳା ମହାବିଦ୍ୟାଳୟ ୧୫ କିମି ୫୦ ମିଟର ରାସ୍ତା କାର୍ଯ୍ୟ ପ୍ରାୟ ୨୦୧୫ ଜାନୁୟାରୀରେ ଆରମ୍ଭ ହୋଇଥିଲା। ରାସ୍ତା କାର୍ଯ୍ୟ କଚ୍ଛପ ଗତିରେ ୨୦୧୭ ଫେବୃୟାରୀ ପର୍ଯ୍ୟନ୍ତ ଚାଲୁ ରହିଥିଲା। ପିତାପଲ୍ଲୀ ଛକରୁ ମାତ୍ର ୫୦ ମିଟର କାର୍ଯ୍ୟ ହେବା ପରେ ୩ ଦିନ ମଧ୍ୟରେ ରାସ୍ତା ଉପରୁ ପିଚୁ ଉଠି ଯାଇଥିଲା। ନିମ୍ନମାନର କାର୍ଯ୍ୟକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଗଣମାଧ୍ୟମ ସମ୍ମୁଖରେ ବିରୋଧ କରି କାର୍ଯ୍ୟ ବନ୍ଦ କରାଇଥିଲେ। ପରେ ରାସ୍ତା କାର୍ଯ୍ୟରେ କିଛିଟା ଉନ୍ନତି ଆସିଥିଲା। ହେଲେ ନିମ୍ନମାନର କାର୍ଯ୍ୟକୁ ବନ୍ଦ କରାଯାଇ ପାରି ନ ଥିଲା। ଏହି ରାସ୍ତା କାର୍ଯ୍ୟ ପାଇଁ ୭ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସମ୍ପୃକ୍ତ ରାସ୍ତାରେ ପିଚୁ ଉପରେ ପିଚୁ ପକାଯାଇଥିବାରୁ ବର୍ଷା ଋତୁରେ ପିଚୁ ଉଠି ଯାଇଥିଲା। ପୁଣି ରାସ୍ତାର ଉଭୟପାର୍ଶ୍ୱରେ ମୋରମ ନ ପକାଯାଇ ନିକଟସ୍ଥ ରାସ୍ତାପାର୍ଶ୍ୱରୁ ଖୋଳା ଯାଇ ପକାଯାଇଥିଲା, ଯାହାକି ବର୍ଷା ଯୋଗୁ ରାସ୍ତା ଶୀଘ୍ର ନଷ୍ଟ କରିବାରେ ସହାୟକ ହେଲା। ଅପରପକ୍ଷେ ବାଘମାରୀଠାରୁ ବେଗୁନିଆ, ବୋଲଗଡ, ଖୋର୍ଦ୍ଧା ଜିଲାର ସୀମାନ୍ତ ଅଞ୍ଚଳ ଦିଘିରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିଲା। ଏବେ ରାସ୍ତା ସାରା କେବଳ ଖାଲଖମାରେ ଭରପୂର। ଚଣ୍ଡିଚୁଆ ଛକ, ଚିଙ୍ଗିଡୁଙ୍ଗର ଢ଼ାବା, ପୁବୁସାହି ବଜାର, ଜୟମଙ୍ଗଳ, ସାରୁଅ, ବାଘମାରୀ ମହିଳା କଲେଜ ସମ୍ମୁଖ, ବେଗୁନିଆ ଥାନା ଛକରୁ ବ୍ଲକ ଛକ, ବାମଡିହଛକ, ଟିକାତାଳ, ପିଚୁକୁଳି, ବିନୋଦପଡା, ସୁନାଖଳା କଲେଜଠାରୁ ବସଷ୍ଟାଣ୍ଡ, କପାସିଆ ଓ ଚୁଡା ଛକ, ବୋଲଗଡରୁ ବ୍ରହ୍ମପୁରା ଛକ, ରେଲୱେ ଲେଭଲ କ୍ରସିଂ ନିକଟ, ପଞ୍ଚୁକୋଟଠାରୁ ଭୀମପଡା ଅଞ୍ଚଳରେ ଯାତାୟାତ କରିବା କାଠଗର ପାଠ। ଖୋର୍ଦ୍ଧାରୁ ନୟାଗଡ ୫୯ କିମି ଯିବାକୁ ଏବେ ଅଧିକ ୧ ଘଣ୍ଟା ଲାଗୁଛି। ମୋଟାମୋଟି ଭାବେ ଖୋର୍ଦ୍ଧାରୁ ଦିଘିରି ପର୍ଯ୍ୟନ୍ତ ପ୍ରାୟ ୨୦ କୋଟି ଟଙ୍କା ରାସ୍ତା ନିର୍ମାଣରେ ଖର୍ଚ୍ଚ ହୋଇଛି। ଖୋର୍ଦ୍ଧା ଓ ନୟାଗଡ ଜିଲାର ସୀମାନ୍ତ ଅଞ୍ଚଳ ରାଜସୁନାଖଳା। ଏହାର କିଛି ଅଂଶ ବୋଲଗଡ ବ୍ଲକରେ ଓ ଆଉ କିଛି ଅଂଶ ନୟାଗଡ ଜିଲାର ରଣପୁର ବ୍ଲକରେ ରହିଛି। ତେବେ ରାଜସୁନାଖଳା ଦୁଇ ଜିଲାର ଗୋଟିଏ ପ୍ରମୁଖ ବଜାର ଭାବେ ପରିଚିତ ହୋଇଆସୁଛି। ଏହି ଅଞ୍ଚଳରେ ଡ୍ରେନ ନିର୍ମାଣ ହୋଇଥିଲେ ମଧ୍ୟ ବଜାର ତଥା ରାଜପଥରେ ପଡୁଥିବା ବର୍ଜ୍ୟବସ୍ତୁ ପଡି ଡ୍ରେନ ପୋତି ହୋଇଗଲା। ବର୍ଷା ଅସରାୟ ହେଲେ ଜଳ ନିଷ୍କାସନ ନ ହୋଇ ନର୍ଦ୍ଦମା ଜଳ ସହ ବର୍ଜ୍ୟବସ୍ତୁ ରାଜପଥ ଉପର ପ୍ରବାହିତ ହେଉଛି। ଏଣୁ ରାଜପଥ ଉପରେ ବର୍ଜ୍ୟବସ୍ତୁ ଓ ମାଟି ପଥର ଜମି ଦୁର୍ଘଟଣାର କାରଣ ପାଲଟୁଛି।

**୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡିଲା**




ବର୍ଷା ପରେ ସୁନାଖଳାଠାରେ ନଂ. ୫୭ ଜାତୀୟ ରାଜପଥ ଉପରେ ଆବର୍ଜନା।

### ୧୧୩୧ ନିର୍ମାଣ ଶ୍ରମିକଙ୍କୁ ସହାୟତା

**ଟାଙ୍ଗୀ(ଖୋର୍ଦ୍ଧା), ୩୦।୯(ଡି.ଏନ.ଏ.)**

ବଳରାମଦେବଙ୍କ ମନ୍ଦିର ପରିସରରେ ଭୁବନେଶ୍ୱରସ୍ଥିତ ଓଡିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ରବିବାର ପୂର୍ବାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ବ୍ଲକ୍‌ର ୧୧୩୧ ଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଶ୍ରମ କମିଶନ ଅଧିକାରୀ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ସୁବାସ ସିଂ, ଟାଙ୍ଗୀ ବ୍ଲକ୍ ଅଧକ୍ଷ ବିଜୟ କୁମାର ଜେନା, ଜିଲା ବିଜେଡି ସମ୍ପାଦକ ରଘୁନାଥ ସାହୁ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ମହାପାତ୍ର, ସମାଜସେବୀ ଲକ୍ଷ୍ମୀଧର ଆଚାର୍ଯ୍ୟ, ଖୋର୍ଦ୍ଧା ସହକାରୀ ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସମଗ୍ର ରାଜ୍ୟରେ ୨୪ ଲକ୍ଷ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଟାଙ୍ଗୀ ବ୍ଲକ୍‌ରେ ଏହାର ସଂଖ୍ୟା ହେଉଛି ୧୯ ହଜାର । ଖୋର୍ଦ୍ଧା ଜିଲାରେ ଏହାର ସଂଖ୍ୟା ହେଉଛି ୧ ଲକ୍ଷ ୭୧ ହଜାର । ଦଲାଲଙ୍କ ପ୍ରରୋଚନାରେ ନ ପଡ଼ି ଜଣେ ନିର୍ମାଣ ଶ୍ରମିକ ମାତ୍ର ୨୦ଟଙ୍କା ଦେଇ ନାମ ପଞ୍ଜୀକରଣ କରିବା ସହ ବାର୍ଷିକ ୫୦ ଟଙ୍କା ଦେଇ ପରିଚୟପତ୍ର ନବୀକରଣ କରିବାକୁ ଶ୍ରମ ଅଧିକାରୀମାନେ ସୂଚନା ଦେଇଥିଲେ। ବୋର୍ଡ ଅଧକ୍ଷ ସିଂ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ ସମ୍ପର୍କରେ କହିଥିଲେ। ଶେଷରେ ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ ହିତାଧିକାରୀଙ୍କ ନାମ, ସହାୟତା ଅର୍ଥ ଓ ସାମଗ୍ରୀ ବିଷୟରେ ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶ୍ରମ ଅଧିକାରୀ ଧରାଶ୍ରୀ ମହାପାତ୍ର ସଂଯୋଜନା କରିଥିଲା ବେଳେ ବରିଷ୍ଠ ସଂଗଠକ ବିଜୟ କୁମାର ଜେନା ପରିଚାଳନା କରିଥିଲେ ।

■ ଜଟଣୀ ହେଲା ବାହ୍ୟ ଶୌଚମୁକ୍ତ ସହର

## ଘୋଷଣା ବଜାୟ ରଖିବାକୁ ପରାମର୍ଶ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କାଉନସିଲରମାନେ।

**ଜଟଣୀ,୩୦।୯(ଡି.ଏନ.ଏ.)**

ଜଟଣୀ ପୌରାଞ୍ଚଳକୁ ବାହ୍ୟ ଶୌଚମୁକ୍ତ ସହର ଭାବେ ରବିବାର ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଟାଉନହଲ୍ ପରିସରରେ ମ୍ୟୁନିସିପାଲିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନର ଅତିରିକ୍ତ ମିଶନ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ ଓ ଖୋର୍ଦ୍ଧା ଜିଲା ସହରାଞ୍ଚଳ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଖୋଲାରେ ଶୌଚମୁକ୍ତ ଘୋଷଣା ସହ ଏହାକୁ ବଜାଏ ରଖିବାକୁ ମ୍ୟୁନିସିପାଲିଟି ପକ୍ଷରୁ ଏହାର ନିୟମିତ ତଦାରଖ ଓ ଯୋଜନାର ଉପଯୁକ୍ତ କାର୍ଯ୍ୟକାରିତା ନେଇ ଗୁରୁତ୍ୱ ଦେବାକୁ ଦୁଇ ଅତିଥି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ନିର୍ବାହୀ ଅଧିକାରୀ ଲଳିତ କପୁର କହିଥିଲେ, ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୮ଟି ଗୋଷ୍ଠୀ ପାଇଖାନା ସମ୍ପୂର୍ଣ୍ଣ ହୋଇଥିବା ବେଳେ ୯ଟି ନିର୍ମାଣାଧୀନ ରହିଛି। ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ ତାଙ୍କ ବକ୍ତବ୍ୟରେ ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସ୍ୱଚ୍ଛତା ସମେତ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଏଥିରେ ପରିଷଦର ସମସ୍ତ କାଉନସିଲର, କର୍ମଚାରୀ, ବହୁ ମହିଳାପୁରୁଷ ଯୋଗଦେଇ ନିଜ ଘର ଓ ଅଞ୍ଚଳରେ କିପରି ସ୍ୱଚ୍ଛତା ବଜାୟ ରଖିବେ ଶପଥ ନେଇଥିଲେ। ନବୀକରଣ କରାଯାଇଥିବା ଗାନ୍ଧୀ ପାର୍କକୁ ଉଦ୍‌ଘାଟନ କରାଯାଇଥିଲା। ମ୍ୟୁନିସିପାଲିଟି ନିର୍ବାଚିତ କାଉନ୍‌ସିଲର ରବିବାର ଅନ୍ତିମ ଦିନ ଥିବାରୁ ସମସ୍ତ ୨୩ ଜଣ କାଉନ୍‌ସିଲରଙ୍କୁ ଅତିଥିମାନେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱଚ୍ଛତା ଉପରେ ସ୍ଥାନୀୟ ଏକ ଘରୋଇ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ସେହିପରି ପଲିଥିନ୍ ମୁକ୍ତ ଓ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି ପାଇଁ ପରିଷଦ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷା ଅନ୍ନପୂର୍ଣ୍ଣା ସାହୁ ବକ୍ତବ୍ୟ ରଖିଥିଲେ।

## ନିର୍ମାଣର ୨ ମାସ ମଧ୍ୟରେ ରାସ୍ତା ଶୋଚନୀୟ

**ବୋଲଗଡ଼,୩୦।୯(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାନପଦରଠାରୁ ବାୟାପଲ୍ଲୀ ପର୍ଯ୍ୟନ୍ତ ୧ କି.ମି. ଆର୍‌ଡି ରାସ୍ତାର ପିଚୁ କାର୍ଯ୍ୟ ପ୍ରାୟ ୨ ମାସ ପୂର୍ବରୁ ହୋଇଥିଲା। ତେବେ ବର୍ତ୍ତମାନ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଫଳରେ ଯାତାୟାତ କରୁଥିବା ଲୋକେ ଏ ନେଇ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ଏହି ରାସ୍ତାଟିର ପୁନଃ ମରାମତି ନିମନ୍ତେ ସାଧାରଣରେ ଦାବି ହେଉଛି । ପ୍ରକାଶ ଯେ, ପିଚୁକୁଳି ଦେଉଳି ରାସ୍ତାର ସାନପଦରଠାରୁ ବାୟାପଲ୍ଲୀକୁ ପ୍ରାୟ ୩ କିମି ଦୈର୍ଘ୍ୟ ରହିଛି। ପୂର୍ବରୁ ସାନପଦର ଆଡୁ ପ୍ରାୟ ୧ କିମି ରାସ୍ତା ପିଚୁ କରାଯାଇଥିଲା । ଏହାପରେ ଆଉ ୧ କିମି ରାସ୍ତାର ପିଚୁ କାମ କରାଯାଇଥିଲା। ହେଲେ ନିର୍ମାଣ ହେବାର ମାତ୍ର ୨ ମାସ ମଧ୍ୟରେ ଏଠାରେ ଖାଲଖମା ହେବା ଓ ପିଚୁ ଉଠିବା ଭଳି ବିପର୍ଯ୍ୟସ୍ତ ଅବସ୍ଥା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ସମସ୍ୟା ନେଇ ବ୍ଲକସ୍ଥ ଆର୍‌ଡି ବିଭାଗ ଯନ୍ତ୍ରୀ ଗୋବିନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତାଟି ଖରାପ ଥିଲେ ତାହାକୁ ମରାମତି କରାଯିବ ।



ନିର୍ମାଣ ପରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

### ଦେବେନ୍ଦ୍ରଙ୍କ ବନ୍ଧୁ ମିଳନ ପରେ ରାଜନୀତି ସରଗରମ

**ଖୋର୍ଦ୍ଧା ଅଫିସ,୩୦।୯**

କିଛି ବର୍ଷର ନୀରବତା ପରେ ରାଜନୈତିକ ମଇଦାନକୁ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ଡା. ଦେବେନ୍ଦ୍ରନାଥ ମାନସିଂହ ଓହ୍ଲାଇଛନ୍ତି। ବାଣପୁର ଶ୍ରୀ ରଙ୍ଗନାଥ ଦେବଙ୍କ ପ୍ରାଙ୍ଗଣରେ ଦେବେନ୍ଦ୍ରଙ୍କ ବନ୍ଧୁ ମିଳନ ଉତ୍ସବ ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଚିଲିକା ନିର୍ବାଚନମଣ୍ଡଳୀରେ କଂଗ୍ରେସର ପାରମ୍ପରିକ ଭୋଟ ରହିଛି। ନେତା ନ ଥିବାରୁ କର୍ମୀ ବିଭିନ୍ନ ଦଳକୁ ଲମ୍ଫ ପ୍ରଦାନ କରିଛନ୍ତି। ଏଭଳିସ୍ଥିତିରେ ଦେବେନ୍ଦ୍ର ନୀରବତା ଭାଙ୍ଗି ସଙ୍ଗଠନକୁ ଗୁରୁତ୍ୱ ଦେବା ରାଜନୀତି ପାଣିପାଗକୁ ଓଲଟପାଲଟ କରିଛି। ତେବେ କେଉଁ ଦଳ ପାଇଁ ସେ ସଙ୍ଗଠନ କରୁଛନ୍ତି, ଆଗାମୀ ଲକ୍ଷ୍ୟ କ'ଣ ରହିଛି ସେନେଇ ମୁହଁ ଖୋଲି ନ ଥିଲେ। ଏଥିରେ ବାଣପୁର ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ବିଭୁପ୍ରସାଦ ମହାପାତ୍ର, ଚିଲିକା ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦିଲୀପ ମହାନ୍ତି, ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ଭୁବନେଶ୍ୱର ଲେଙ୍କା, ଜିଲା ଯୁବ କଂଗ୍ରେସ ପୂର୍ବତନ ଉପସଭାପତି ପ୍ରକାଶ ପ୍ରଧାନ, ଏନଏସି ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବାଲୁଗାଁ ଏନଏସି କଂଗ୍ରେସ କମିଟି ସଭାପତି ପଞ୍ଚାନନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ବେଗୁନିଆ ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ପାଠଚକ୍ର

## ଶିକ୍ଷା ଜୀବନକୁ ପରିସ୍ଫୁଟିତ କରେ



ଶିକ୍ଷା ବିଭାଗ ପାଠଚକ୍ରରେ ଉପସ୍ଥିତ ଥିବା ଅତିଥିମାନେ।

**ବେଗୁନିଆ,୩୦।୯ (ଡି.ଏନ.ଏ.)**

ବେଗୁନିଆ ମହାବିଦ୍ୟାଳୟ ସଭା ଗୃହ ପରିସରରେ ରବିବାର ଜାତୀୟ ସ୍ତରର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଟିକା ଫାଉଣ୍ଡେଶନ ଏବଂ ଆୟୋଜକ ମହାବିଦ୍ୟାଳୟର ଶିକ୍ଷା ବିଭାଗ ସହବନ୍ଧନରେ ଅନୁଷ୍ଠିତ ପାଠଚକ୍ରରେ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ଅଧକ୍ଷତା କରିଥିଲେ। ଭୁବନେଶ୍ୱର ରିଜିଓନାଲ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଭୁଜେନ୍ଦ୍ର ନାରାୟଣ ପଣ୍ଡା ମୁଖ୍ୟଅତିଥି, ଲକ୍ଷ୍ମୀଧର ବେହେରା ମୁଖ୍ୟବକ୍ତା ଏବଂ ଯୁଧିଷ୍ଠିର ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନ ପରିଚାଳନା ଦକ୍ଷତା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷା ହେଉଛି ଜୀବନର ପ୍ରମୁଖ ମାନଦଣ୍ଡ। ସଭ୍ୟତାରେ ଚଳିବାକୁ ହେଲେ ଶିକ୍ଷା ନିହାତି ଜରୁରୀ। ତେବେ ଶୃଙ୍ଖଳିତ ଶିକ୍ଷା ହିଁ ଜୀବନକୁ ପରିସ୍ଫୁଟିତ କରିଥାଏ। ଟିକା ଫାଉଣ୍ଡେଶନର ସମ୍ପାଦକ ଡ. ପ୍ରସନ୍ନ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ରବି ନାରାୟଣ ସାହୁ ଟିକା ଫାଉଣ୍ଡେଶନର ମର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଧକ୍ଷ ଡ. ଦାଶଙ୍କ ସମେତ ଡ. ଅମରେନ୍ଦ୍ର ମିଶ୍ର ଓ ମିନତି ମହାନ୍ତିଙ୍କୁ 'ଟିକା ଫାଉଣ୍ଡେଶନ ଶିକ୍ଷାବିତ୍ ସମ୍ମାନ ୨୦୧୮' ମାନପତ୍ର ଦ୍ୱାରା ସମ୍ମାନିତ କରାଯାଥିଲା। ରାଜ୍ୟର ବିଭିନ୍ନ ଜିଲାରେ ଥିବା ମହାବିଦ୍ୟାଳୟର ଅଧାପିକାଅଧାପକ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଏହି ପାଠଚକ୍ରରେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଡ. ଭାବଗ୍ରାହୀ ବିଶ୍ୱାଳ, ଡ. ଗୋପାଳ ବିଶ୍ୱାଳ, ଡ. କଳ୍ପଲତା ପତି, ଏସ. ଏନ. ନନ୍ଦ, ମେଜର ଦେବାଶିଷ ଦାଶ, କ୍ୟାପଟେନ ବେଣୁଧର ଲେଙ୍କା ଓ ଡ. ରେବତୀ କର ଉପସ୍ଥିତ ରହି ନିଜ ନିଜର ମତାମତ ଓ ଲେଖା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ରଙ୍କ ସହ ଅଧାପକ ଡ. ସରୋଜ କାନ୍ତ ଚୌଧୁରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ପ୍ରାଧାପକ ପଙ୍କଜ କୁମାର କର ଧନ୍ୟବାଦ ଦେଇଥିଲେ



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ ତେବେ ମୂଷାଟିଏ ମଧ୍ୟ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।

-ପର୍ଲ ଏସ୍. ବକ୍

## ସଂକ୍ଷେପରେ



### ଉପଖଣ୍ଡସ୍ତରୀୟ ଗୀତାପାଠ ପ୍ରତିଯୋଗିତା

ସାକ୍ଷୀଗୋପାଳ, ୩୦।୯(ଡି.ଏନ୍.ଏ.): ପୁରୀ ପ୍ରଜ୍ଞାନ ମିଶନ ପକ୍ଷରୁ ଚାଲିଥିବା ରାଜ୍ୟବ୍ୟାପୀ ଗୀତାପାଠ ପ୍ରତିଯୋଗିତା ସାକ୍ଷୀଗୋପାଳରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୁରୀ ଉପଖଣ୍ଡ ସ୍ତରୀୟ ପ୍ରତିଯୋଗିତାରେ ୯ଟି ବିଦ୍ୟାଳୟର ୬୦ ଛାତ୍ରୀଛାତ୍ର ଭାଗନେଇ ଶ୍ରୀମଦ ଭଗବତ ଗୀତାର ଦ୍ୱାଦଶ ଅଧାୟ ଭକ୍ତିଯୋଗ ଆବୃତ୍ତି କରିଥିଲେ। କ୍ରିୟାଯୋଗର ବିଶ୍ୱ ପ୍ରଚାରକ ପରମହଂସ ପ୍ରଜ୍ଞାନନ୍ଦଙ୍କ ମାର୍ଗ ଦର୍ଶନରେ ପିଲାମାନଙ୍କୁ ଭଗବାନଙ୍କ ଶାଶ୍ୱତ ସଙ୍ଗୀତ ଗୀତା ଆବୃତ୍ତି ଜରିଆରେ ବିଚାରଧାରାରେ ପରିବର୍ତ୍ତନ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ଅଧାପିକା ସୁଜାତା ମିଶ୍ର କହିଥିଲେ। ହରିହରାନନ୍ଦ ଗୁରୁକୁଳର ବ୍ରହ୍ମଚାରୀ ସଙ୍ଗୀତ, ଓଡ଼ିଶା ଗୋ ସେବା ସମିତିର ପ୍ରଦୀପ ଦାଶ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀମାନେ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଦୀପ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିଲେ।

### କୁମାର କବି ଥିଲେ ହସର ସୌଦାଗର

କଣାସ, ୩୦।୯(ସ୍ୱ.ପ୍ର.):କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଡା ଗ୍ରାମରେ ପ୍ରତିଷ୍ଠିତ ପଲ୍ଲିପଲ୍ଲବ ସାହିତ୍ୟ ସଂସଦ ପକ୍ଷରୁ ୭ଦିନ ଧରି ଅନୁଷ୍ଠିତ ହେଉଥିବା କୁମାର କବିଙ୍କର ଅଷ୍ଟମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୋପୀନାଥପୁର ପଞ୍ଚାୟତର ପାଇକମରା ଗ୍ରାମ ତାରିଣୀ ପୀଠରେ ଅନୁଷ୍ଠିତ ହେଉଥିବା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ କୁମାର କବିଙ୍କୁ ହସର ସୌଦାଗର ବୋଲି ବର୍ଣ୍ଣନା କରିଥିଲେ। ପୀତବାସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହୁ, ସୁଧର୍ମା ମହାସଭାର ଆବାହକ ପ୍ରଭାକର ଦାସ, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ରାଜ୍ୟସ୍ତରୀୟ ଆସି ତେତ୍ତୁ ପ୍ରତିଯୋଗିତା

### ପୁରୀ ଶ୍ରେଷ୍ଠ ଦଳ, ବରଗଡ଼ ରନର୍ସଅପ୍

ପୁରୀ ଅଫିସ, ୩୦।୯: ଓଡ଼ିଶା ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ଆସି ତେତ୍ତୁ(ଆଖଡା) ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ସମେତ ବରଗଡ, ସୁନ୍ଦରଗଡ, କୋରାପୁଟ, ଗଞ୍ଜାମ ଓ ଖୋର୍ଦ୍ଧାରୁ ୯୬ ବାଳିକା ଓ ବାଳକ ଯୋଗଦାନ କରିଥିଲେ। ହସ୍ତକଳା, ପଦକଳା, ଶିବକଳା, ପଦସନ୍ତୁଳନ ଆଦି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ଦଳ ଭାବେ ପୁରୀ ଏବଂ ରନର୍ସ ଅପ୍ ଭାବେ ବରଗଡ଼ ଜିଲାକୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ଅକ୍ଟୋବର ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଢୋଲପୁରଠାରେ ହେବାକୁଥିବା ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ୨୪ଜଣ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆସି ତେତ୍ତୁର ରାଜ୍ୟ ସଂଘ ସଭାପତି ଗୌରୀଶଙ୍କର ସିଂହାରୀ,ସମ୍ପାଦକ ସବ୍ୟସାଚୀ ରଥ, ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ କୋଚ ପ୍ରଦୀପ କୁମାର ସାହୁ, ବରିଷ୍ଠ କ୍ରୀଡା ପ୍ରଶାସକ ରବୀନ୍ଦ୍ରନାଥ ସେନାପତି, ପୂର୍ବତନ କ୍ରୀଡା ଉପ ନିର୍ଦ୍ଦେଶକ ପ୍ରଭାକର ମଙ୍ଗରାଜ, ସୁବାସିନୀ ବଳିଆର ସିହ୍ନା ଓ ବରିଷ୍ଠ କ୍ରୀଡା ସଙ୍ଗଠକ ଭଗବାନ ସୁଆର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ କ୍ରୀଡ଼ା ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାଥ, ପ୍ରିୟମ୍ୱଦା ଜେନା, ଗୋପାଳ ଚନ୍ଦ୍ର ପରିଡା, ସଞ୍ଜୟ କିଷାନ୍, ଜିତେନ୍ଦ୍ରନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶୃଙ୍ଖଳିତ ଦଳ ଭାବେ ସୁନ୍ଦରଗଡ ଜିଲା ପୁରସ୍କୃତ ହୋଇଥିଲା। ପୁରୀର ବର୍ଷା ପ୍ରିୟଦର୍ଶିନୀ ବାରିକ ଓ ବରଗଡ଼ର ଉମେଶ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାକୁ ଓଡ଼ିଶା ଆସିତେତ୍ତୁ(ଆଖଡା) ସଂଘର ବୈଷୟିକ ଅଧିକାରୀ ସନ୍ତୋଷ କୁମାର ପାତ୍ର, ନେତ୍ରମଣି ସେଠୀ, ରବି ନାରାୟଣ ଦାସ, ଉମାକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

■ ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

# ସ୍ୱାମୀ ସମେତ ୬ଜଣଙ୍କ ନାଁରେ ମାମଲା

## ପୋଖରୀରୁ ମୃତଦେହ ଉଦ୍ଧାର

ନିମାପଡ଼ା,୩୦।୯(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ଅନ୍ତର୍ଗତ ଗୋପୀନାଥପାଟଣା ଗ୍ରାମର କାଳନ୍ଦୀ ଦାସଙ୍କ ସ୍ତ୍ରୀ ପ୍ରତିମା ଦାସ(୩୧)ଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତଦେହକୁ ଘର ବାଡିପଛପଟେ ପୋଖରୀରୁ ରବିବାର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଯୌତୁକ ପାଇଁ ଯୋଜନାବଦ୍ଧ ଭାବେ ଶାଶୁଘର ଲୋକ ହତ୍ୟା କରିଥିବା ତାଙ୍କ ଭାଇ ଅକ୍ଷୟ ଦାସ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ତାଙ୍କ ସ୍ୱାମୀ କାଳନ୍ଦୀ ଦାସ, ଶ୍ୱଶୁର ବାସୁଦେବ ଦାସ, ଦେଢଶୁର ସଞ୍ଜୟ ଦାସ, ଦିଅର ଶୁକଦେବ ଦାସ, ଶାଶୁ ଶଶି ଦାସ ଓ ଯାଆ ମନୋରମା ଦାସଙ୍କ ବିରୋଧରେ ୪ଡିପି ଆକ୍ଟରେ କେସ ନଂ ୨୮୬/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତାଙ୍କ ସ୍ୱାମୀ କାଳନ୍ଦୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଖବର ଅନୁଯାୟୀ, କାକଟପୁର ଥାନା ଅନ୍ତର୍ଗତ ବୋଇତକୁଦ ଗ୍ରାମର ପୂର୍ଣ୍ଣାନନ୍ଦ ଦାସଙ୍କ କନ୍ୟା ପ୍ରତିମା ଗତ ୬ବର୍ଷ ତଳେ ଚାରିଛକ ଫାଣ୍ଡି ଅନ୍ତର୍ଗତ କଳାପାଞ୍ଚଣ ଗୋପୀନାଥପାଟଣା ଗ୍ରାମର ବାସୁଦେବ ଦାସଙ୍କ ପୁଅ କାଳନ୍ଦୀ ଦାସଙ୍କୁ ବିବାହ କରିଥିଲେ। ବିବାହ ବେଳେ ଶାଶୁଘରର ଦାବିମୁତାବକ ନଗଦ ୧ଲକ୍ଷ ୨୦ହଜାର ଟଙ୍କା, ସୁନାଗହଣା, ବିଭିନ୍ନ ଆସବାବପତ୍ର ଯୌତୁକ ବାବଦରେ ଦିଆଯାଇଥିଲା। କିନ୍ତୁ ବିବାହର କିଛି ମାସ ପରେ ଏକ ଅଟୋରିକ୍ସା କିଣିବାକୁ ବାପଘରୁ ୮୦ହଜାର ଟଙ୍କା ଆଣିବାକୁ ଶାଶୁଘର ଲୋକେ ବଧୂ ପ୍ରତିମାକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏହି ଯୌତୁକ ଟଙ୍କା ପାଇଁ ତାଙ୍କୁ ଶାଶୁଘର ଲୋକେ ଶନିବାର ରାତିରେ ହତ୍ୟାକରି ବାଡି ପଛପଟେ ପୋଖରୀରେ ଫିଙ୍ଗି ଦେଇଥିବା ମୃତାଙ୍କ ଭାଇ ଅକ୍ଷୟ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ନିମାପଡ଼ା ଥାନା ଆଇଆଇସି ହରମୋହନ ନାୟକ, ଚାରିଛକ ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅନ୍ୟପକ୍ଷରେ ପାରିବାରିକ କଳହ ଯୋଗୁ ବଧୂ ପୋଖରୀରେ ଡେଇଁ ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁଘର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ମୃତା ପ୍ରତିମାଙ୍କ ୨ଟି ଶିଶୁପୁତ୍ର ଅଛନ୍ତି।



ପ୍ଲାଷ୍ଟିକ୍ ଓ ପଲିଥିନ ନିଷିଦ୍ଧ ପାଇଁ ସିଂହଦ୍ୱାର ସମ୍ମୁଖରୁ ବାହାରିଥିବା ସଚେତନତା ରାଲି।

## ପ୍ଲାଷ୍ଟିକ ବ୍ୟବହାର ନିଷିଦ୍ଧ ଲାଗି ସଚେତନତା ରାଲି

ପୁରୀ ଅଫିସ,୩୦।୯:

ପୁରୀ ସହରରେ ଆସନ୍ତା ୨ତାରିଖରୁ ପ୍ଲାଷ୍ଟିକ ପଲିଥିନର ବ୍ୟବହାର ନିଷିଦ୍ଧ ହେବ। ପୁରୀ ସହରକୁ ପ୍ଲାଷ୍ଟିକ ଓ ପଲିଥିନରୁ ମୁକ୍ତ ରଖିବା ଏବଂ ପ୍ଲାଷ୍ଟିକ ପଲିଥିନ ବ୍ୟବହାର ନିଷେଧ ଲାଗି ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଏହି ସଚେତନତା ରାଲିକୁ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। ଏହି ରାଲି ସିଂହଦ୍ୱାର ନିକଟରୁ ବାହାରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିବା ସହିତ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଲୋକମାନଙ୍କୁ ସଚେତନ କରିବା ଲାଗି ଲିଫଲେଟ୍ ଏବଂ ପ୍ଲାଷ୍ଟିକ, ପଲିଥିନର ବିକଳ୍ପ ବ୍ୟାଗ ବଣ୍ଟନ କରାଯାଇଥିଲା। ଏହି ର୍‍ୟାଲିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଭାସ୍କର ଚନ୍ଦ୍ର ସାମନ୍ତରାୟ, ପୁରୀ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଅକ୍ଟୋବର ୨ରୁ ପୁରୀରେ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନିଷିଦ୍ଧ





ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାଶ ଏବଂ ରୋଟାରୀ କ୍ଲବ ସଦସ୍ୟମାନେ କପଡ଼ା ବ୍ୟାଗ ପ୍ରଦର୍ଶନ କରୁଛନ୍ତି।

■ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେଲା ରୋଟାରି କ୍ଲବ

■୨ହଜାର କନା ବ୍ୟାଗ ବଣ୍ଟନ ଓ ଶହେ ଡଷ୍ଟବିନ ସ୍ଥାପନ କରିବ କ୍ଲବ

ପୁରୀ ଅଫିସ, ୩୦।୯:

ଅକ୍ଟୋବର ୨ରୁ ପୁରୀ ସମେତ ରାଜ୍ୟର ୬ଟି ସହରରେ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର, ବିକ୍ରି ନିଷିଦ୍ଧ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ରୋଟାରି କ୍ଲବ ଓ ଇନରହୁଇଲ କ୍ଲବ ଆନୁକୂଲ୍ୟରେ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ରୋଟାରି କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି।

ରୋଟାରି କ୍ଲବର ସଭାପତି ଅଜୟ କୁମାର ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ସହରକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବା ଲାଗି ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଦିଲୀପ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ, ବୃକ୍ଷଲତା, ଜଳ ଉତ୍ସ, ମନୁଷ୍ୟ ଓ ପ୍ରାଣୀଜଗତ ଉପରେ ପ୍ଲାଷ୍ଟିକ ଓ ପଲିଥିନର କୁପ୍ରଭାବ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଯଥା ସମ୍ଭବ ପ୍ଲାଷ୍ଟିକ ଓ ପଲିଥିନ ଠାରୁ ଦୂରେଇ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରୋଟାରି କ୍ଲବ ପକ୍ଷରୁ ଜିଲାପାଳଙ୍କୁ କ୍ଲବର ସଦସ୍ୟଭାବେ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ କ୍ଲବ ପକ୍ଷରୁ ପୁରୀ ସହରରେ ୨ ହଜାର କନା ବ୍ୟାଗ ବିତରଣ କରାଯିବା ସହ ବିଭିନ୍ନ ସ୍ଥାନରେ ଶତାଧିକ ଡଷ୍ଟବିନ ରଖିବା ଲାଗି ନିଷ୍ପତ୍ତି ହୋଇଛି। ଜିଲାପାଳ ବ୍ୟାଗ ବଣ୍ଟନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରୋଟାରି ଓ ଇନରହୁଇଲ କ୍ଲବର କର୍ମକର୍ତ୍ତା, ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତା, ପୁରୀ ସହରରେ ଥିବା ଅନ୍ୟ ତିନିଟି କ୍ଲବର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ରୋଟାରିଆନ ସୁଧୀର ଚାନ୍ଦୁକା ଓ ପୂର୍ବତନ ସଭାପତି ଜୟ ଦାସଗୁପ୍ତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରୋଟାରି କ୍ଲବର ସମ୍ପାଦକ କମଳେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ଲେଙ୍କା, ରବି ନାରାୟଣ ମିଶ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, କେ.ପି. ଆଚାର୍ଯ୍ୟ, ମହେଶ ପ୍ରଧାନ, ବଦ୍ରି ନାରାୟଣ ପାତ୍ର, ଭକ୍ତ ଚରଣ ଦାସ, ଭୀମସେନ ପାତ୍ର, ନାରାୟଣ ଦାସ, ଦେବୀ ପ୍ରସନ୍ନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଡିକିରୁ ୧୦ ଲକ୍ଷ ଟଙ୍କା ଲୁଟ୍ ଘଟଣା

## ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି ପୋଲିସ

ପୁରୀ ଅଫିସ, ୩୦।୯:

ହାତୀଶାଳ ବୁଢ଼ୀମା' ମନ୍ଦିର ପାଖରୁ ବାଇକ୍ ଡିକି ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ବାସେଲିସାହି ପୋଲିସ ରବିବାର ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛି। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ସନ୍ଦେହରେ ପୋଲିସ କେତେଜଣଙ୍କୁ ଡାକି ପଚରାଉଚୁରା କରିଛି। ସୂଚନାଯୋଗ୍ୟ, ହାତୀଶାଳ ବୁଢ଼ୀମା' ମନ୍ଦିର ନିକଟରେ ରହୁଥିବା ଠିକାଦାର ଗଙ୍ଗାଧର ପ୍ରଧାନ ଶନିବାର ବ୍ରହ୍ମଗିରିସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ଉଠାଇଥିଲେ। ବାଇକ୍ ଡିକିରେ ଟଙ୍କା ରଖି ସେ ଘରକୁ ଫେରିଥିଲେ। ଘର ଆଗରେ ବାଇକ୍ ରଖି ଘର ଭିତରକୁ ଯାଇ କିଛି ସମୟ ପରେ ପୁଣି ଫେରିଥିଲେ। ଏହି ସମୟରେ ତିନିଜଣ ଯୁବକ ଦୁଇଟି ବାଇକ୍‌ରେ ଆସିଥିଲେ। ଦୁଇଜଣ ଏକ ବାଇକ୍‌ରେ ଖଣ୍ଡେ ଦୂରରେ ଅପେକ୍ଷା କରିଥିଲେ। ଅନ୍ୟ ଜଣେ ବାଇକ୍ ଡିକିରୁ ୧୦ଲକ୍ଷ ଧରି ଚମ୍ପଟ ମାରିଥିଲେ। ଏହି ସମୟରେ ଗଙ୍ଗାଧରଙ୍କ ସାନପୁଅ ଏହା ଦେଖି ତାଙ୍କ ପିଛା କରିଥିଲେ। କିନ୍ତୁ ତାଙ୍କୁ ଧରିପାରି ନ ଥିଲେ। ଏ ନେଇ ଗଙ୍ଗାଧର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଜୟଦୀପ ମହାନ୍ତି କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଘର ଆଗରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି।

## ୧୧ ବିଦ୍ୟୁତ୍ ଟ୍ରାନ୍ସଫର୍ମର, ନୂତନ ବ୍ରିଜ୍‌ର ଉଦ୍‌ଘାଟନ

ନିମାପଡ଼ା,୩୦।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ଭିଲିଗ୍ରାମ ଓ ମିଟେଇପୁର ଗ୍ରାମପଞ୍ଚାୟତରେ ରବିବାର ବିଧାୟକ ସମୀର ରଞ୍ଜନ ଦାଶଙ୍କ ଏକ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭିଲିଗ୍ରାମ ଗ୍ରାମପଞ୍ଚାୟତର ସର୍ବାପଡ଼ା ସ୍ୱପ୍ନେଶ୍ୱର ସାହି, ପ୍ରଧାନ ସାହି, ନୂଆପଡା, ବେଲକଣ, ଭିଲିଦେଉଳି, ଭିଲିଗ୍ରାମ, ଝାମ୍ପୁଲାକୁଦ ଆଦି ୧୧ଟି ଗ୍ରାମରେ ୧୧ଟି ନୂତନ ବିଦ୍ୟୁତ ଟ୍ରାନ୍ସଫର୍ମର ପ୍ରତିଷ୍ଠାକୁ ବିଧାୟକ ଦାଶ ଉଦ୍‌ଘାଟନ କରିଥିବା ବେଳେ ମିଟେଇପୁର ଗ୍ରାମପଞ୍ଚାୟତର ଅର୍ଜୁନପୁର ଗ୍ରାମଠାରେ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୧୭ଲକ୍ଷ ଟଙ୍କା ବ୍ୟୟରେ ଏକ ନବନିର୍ମିତ ବ୍ରିଜର ଉଦ୍‌ଘାଟନ କରିଥିଲେ। ପରେ ଭିଲିଗ୍ରାମ ଉଚ୍ଚ ବିଦ୍ୟାଳୟ ଓ ଚନ୍ଦ୍ରଶେଖର ଉପ୍ରା ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଶିକ୍ଷାନେତା ଚିତ୍ତରଞ୍ଜନ ସେନାପତି, ଏମପି ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ସମିତିସଭ୍ୟ କୈଳାସ ଚନ୍ଦ୍ର ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ଶରତ ସେନାପତି, ପୂର୍ବତନ ଶିକ୍ଷକ ଭାବଗ୍ରାହୀ ପ୍ରଧାନ, ଭିଲିଗ୍ରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ନାୟକ, ଚନ୍ଦ୍ରଶେଖର ଉପ୍ରାବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ସେନାପତି ଅଧ୍ୟକ୍ଷତାରେ ଚୟନ କମିଟି ଦ୍ୱାରା ଶ୍ରେଷ୍ଠ ବିଧାୟକ ଭାବେ ବିବେଚିତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ଏହି ଦୁଇ ବିଦ୍ୟାଳୟ ପକ୍ଷରୁ ବିଧାୟକ ଦାଶଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମାରୋହରେ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।



ବିଧାୟକ ସମୀର ରଞ୍ଜନ ଦାଶ ଟ୍ରାନ୍ସଫର୍ମର ଉଦ୍‌ଘାଟନ କରୁଛନ୍ତି।

## ଆଜିଠୁ ଆରମ୍ଭ ହେବ ଭାଜପାର ଜନଜାଗରଣ ଯାତ୍ରା

ନିମାପଡ଼ା,୩୦।୯(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶାକୁ ସାମିଲ କରିବା ପାଇଁ ଅକ୍ଟୋବର ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ନିମାପଡ଼ା ନିର୍ବାଚନମଣ୍ଡଳୀର ସପ୍ତାହେ ବ୍ୟାପୀ ଭାଜପା ପକ୍ଷରୁ ଅନୁଷ୍ଠିତ ହେଉଛି ଜନଜାଗରଣ ଯାତ୍ରା। ଏହି ଯାତ୍ରାର ନିର୍ବାଚନମଣ୍ଡଳୀର ୨୮୦ଟି ବୁଥରେ ଅନୁଷ୍ଠିତ ହେବ। ଏହି ଯୋଜନାରେ ଓଡ଼ିଶାବାସୀଙ୍କୁ ସାମିଲ କରିବା ଲକ୍ଷ୍ୟରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ଦସ୍ତଖତ ସଂଗ୍ରହ ଅଭିଯାନ, ୪୨୦ଟି ସ୍ଥାନରେ ପଥପ୍ରାନ୍ତ ସଭା, ନିମାପଡା, ଗୋପ, ଚାରିଛକ, ଖେଲାର, ବଳଙ୍ଗା, ନାଗପୁର, ବେଗୁନିଆ, ତମ୍ପାଳୋ, ବାମନାଳ, ଚଅଁରପକ ଆଦି ଛକରେ ଭାଜପା ପକ୍ଷରୁ ସାଧାରଣସଭାମାନ ଅନୁଷ୍ଠିତ ହେବ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଜନବିରୋଧୀ ସରକାର ବିରୋଧରେ ଜନଜାଗରଣ ସୃଷ୍ଟି କରିବା ଜନଜାଗରଣ ଯାତ୍ରାର ମୂଳ ଲକ୍ଷ୍ୟ ବୋଲି ସଭାନେତ୍ରୀ ପରିଡ଼ା କହିଛନ୍ତି। ଭାଜପା ପକ୍ଷରୁ ସଭାଗୁଡିକରେ ରାଜ୍ୟ ସରକାରଙ୍କ ବିଫଳତା, ମହିଳା ବିରୋଧୀ ସରକାରଙ୍କ ଆଭିମୁଖ୍ୟ, କେନ୍ଦ୍ରର ଯୋଜନାକୁ ଗ୍ରହଣ ନକରିବା ସମ୍ପର୍କରେ ଜନସାଧରଣଙ୍କୁ ଅବଗତ କରାଇଥିଲେ। ଏହି ସମ୍ମିଳନୀରେ ନିର୍ବାଚନମଣ୍ଡଳୀର ମହିଳା ପ୍ରଭାରୀ ମୀନଲତା ମହାନ୍ତି, ଭାଜପା ନଗରମଣ୍ଡଳ ସଭାପତି ଦିଲୀପ ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।





ଖବରଦାତା ସମ୍ମିଳନୀରେ ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରୀଡ଼ା ଓ ଅନ୍ୟମାନେ।

# ଦଶହରାରେ ହୁଏ ମା'ଙ୍କ ବିସର୍ଜନ

ପୁରୀ ଅଫିସ, ୩୦।୯:

ଶ୍ରୀମନ୍ଦିର ନିକଟରେ ମା' କାକୁଡ଼ିଖାଇ ଠାକୁରାଣୀଙ୍କ ମନ୍ଦିର ଅବସ୍ଥିତ। ଶାରଦୀୟ ଦଶହରା ଅବସରରେ ଏଠାରେ ମା' କାକୁଡ଼ିଖାଇଙ୍କ ମୃଣ୍ମୟୀ ମୂର୍ତ୍ତିପୂଜା କରାଯାଏ। କ୍ଷେତ୍ରାଧୀଶ୍ୱରୀ ମା' ବିମଳାଙ୍କ ପ୍ରତିନିଧି ହେଉଛନ୍ତି କାକୁଡିଖାଇ। ପୀଠର ପୂଜକ କାଳନ୍ଦୀ ଚରଣ ପଣ୍ଡା କୁହନ୍ତି, ଦଶହରାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି କାକୁଡ଼ିଖାଇ ଗୋସାଣୀ ଭାବେ ପୂଜା ପାଇଥାନ୍ତି। କିନ୍ତୁ ବର୍ଷତମାମ୍ ପୀଠରେ ମା' କାକୁଡ଼ିଖାଇଙ୍କ ବିଗ୍ରହ ପୂଜା କରାଯାଇଥାଏ।

ମା'ଙ୍କ ନାଁ ସମ୍ପର୍କରେ ପୂଜକ ପଣ୍ଡା କୁହନ୍ତି, ଜଣେ ପୂଜକଙ୍କ ବାଡିରେ ହୋଇଥିବା କାକୁଡ଼ି ଭାଡ଼ିରେ ମାଙ୍କଡ଼ ପଲ ପଶି ଖାଇବା ସହ ନଷ୍ଟ କରୁଥିଲେ। ତେଣୁ ସେ ମା'ଙ୍କୁ ଗୁହାରି ଜଣାଇବାରୁ ମାଙ୍କଡ଼ ପଲ ଆଉ ଆସିଲେ ନାହିଁ। ଦଶହରା ପୂଜା ଅଷ୍ଟମୀରେ ପୂଜକ ମା'ଙ୍କ ପାଖକୁ କାକୁଡ଼ି ଭୋଗ କରିବାକୁ ଆଣିଥିଲେ। ଭକ୍ତ ବି କାକୁଡ଼ି ଆଣିଥିଲେ। ପୂଜା ପରେ ଭକ୍ତଙ୍କ କାକୁଡ଼ି ଥିବାବେଳେ ପୂଜକଙ୍କ କାକୁଡ଼ି ନ ଥିଲା। ମା' କାକୁଡ଼ି ଖାଇଥିବାରୁ ସେବେଠାରୁ ମା'ଙ୍କ ନାମ କାକୁଡ଼ିଖାଇ ରହିଥିବା ନିର୍ମାଲ୍ୟ ପୁସ୍ତକରେ ଉଲ୍ଲେଖ ରହିଛି ବୋଲି ପୂଜକ ପଣ୍ଡା କହିଛନ୍ତି।

ଚଳିତବର୍ଷ ଦଶହରା ପୂଜା ପାଇଁ ଶ୍ରୀ ଶ୍ରୀ ବିମଳାପୀଠ କାକୁଡ଼ିଖାଇ ଠାକୁରାଣୀ ସମିତି ପକ୍ଷରୁ ପ୍ରାୟ ୫ ଫୁଟ ମୂର୍ତ୍ତି ନିର୍ମାଣ କାମ ଜାରି ରହିଛି। ଶିଳ୍ପୀ ନାରାୟଣ ମହାରଣା ମୂର୍ତ୍ତି ଗଢୁଛନ୍ତି। ମା' ହେଉଛନ୍ତି ଦଶଭୁଜା। ମା'ଙ୍କ ମୂର୍ତ୍ତି ବ୍ୟତୀତ ଏଠାରେ ମହିଷାସୁର ଏବଂ ପାର୍ଶ୍ୱ ଦେବୀଦେବ ଭାବେ ଗଣେଶ, କାର୍ତ୍ତିକ, ଗଙ୍ଗା ଓ ଯମୁନାଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ଚାଲିଛି। ପୂଜାବିଧି ସମ୍ପର୍କରେ ପୂଜକ ପଣ୍ଡା କୁହନ୍ତି, ଶ୍ରୀମନ୍ଦିର ପରିସର ମା' ବିମଳାଙ୍କର ଯେଉଁଦିନ ସପ୍ତମୀ ପୂଜା ହୁଏ ସେହିଦିନ ଏଠାରେ ସପ୍ତମୀ ପୂଜା ଆରମ୍ଭ ହୁଏ। ଏଠାରେ ତ୍ରିଦିନାତ୍ମକ (ସପ୍ତମୀ, ଅଷ୍ଟମୀ ଓ ନବମୀ) ପୂଜା ହୁଏ। ଶୀତଳଭୋଗ, ଶଙ୍ଖୁଡି ଭୋଗ ଓ ବଳିପ୍ରଥା ଏଠାରେ ରହିଛି। ଶଙ୍ଖୁଡ଼ି ଭୋଗରେ ଆମିଷ (ମାଛ) ହୋଇଥାଏ। ମାଛର ଲାଞ୍ଜ ଓ ମୁଣ୍ଡ ପଡେନାହିଁ। ଶ୍ରୀମନ୍ଦିରର ସୂପକାରମାନେ ଆସି ଏଠାରେ ଶଙ୍ଖୁଡ଼ି ଭୋଗ ପ୍ରସ୍ତୁତ କରିଥାନ୍ତି। ବିମଳାଙ୍କ ପୀଠରେ ଭୋଗ ସରିବା ପରେ ଏହି ତିନିଦିନ ଯାକ ରାତିରେ ମା'ଙ୍କ ପାଖରେ ଭୋଗ ହୁଏ।

ପୂଜକ ପଣ୍ଡା କହିଛନ୍ତି, ମା' ବିମଳାଙ୍କ ପୀଠରେ ସପ୍ତମୀ, ଅଷ୍ଟମୀ ଓ ନବମୀରେ ବଳି ପଡୁଥିବା ବେଳେ ଏଠାରେ ଅଷ୍ଟମୀ ଓ ନବମୀରେ ଶାନ୍ତି ବଳି ପଡିଥାଏ। ଯେଉଁ ଭକ୍ତମାନେ ବିମଳାଙ୍କୁ ବଳି ମାନସିକ କରିଥାନ୍ତି ସେମାନେ ମା' କାକୁଡିଖାଇଙ୍କ ପାଖରେ ଆଣି ବଳି ପକାଇଥାନ୍ତି। ଯେଉଁ କଟୟିତ ବିମଳାଙ୍କ ପାଖରେ ବଳି ଦିଅନ୍ତି ସେହି କଟୟିତ ଓ ଖଡ୍‌ଗ ଆସି କାକୁଡ଼ିଖାଇଙ୍କ ପାଖରେ ବଳି ପକାଯାଏ। ପରେ ସେହି ଖଡ୍‌ଗକୁ ଏଠାରେ ଶାନ୍ତି କରାଯାଇଥାଏ।

ବିଜୟା ଦଶମୀରେ ଏଠାରେ ହୋମ, ବିସର୍ଜନ ହୋମ, ପଣା ଭୋଗ, ଶାନ୍ତି ପଣାଭୋଗ ହୋଇଥାଏ। ଏହିଦିନ ପୁରୀ ସହର ପରିକ୍ରମା କରି ଝିଅ (କାକୁଡ଼ିଖାଇଙ୍କୁ ମା' ଓ ଅନ୍ୟ ଗୋସାଣୀଙ୍କୁ ଝିଅ ବୋଲି କୁହାଯାଏ) ମାନଙ୍କୁ ଦେଖିବା ପରେ ଦଶହରା ରାତିରେ ମୂଷାନଈର ଶାଖା ଅତ୍ତୁଠରେ ବିସର୍ଜନ କରାଯାଏ। ଶ୍ରୀକ୍ଷେତ୍ରର ଅନ୍ୟ ଗୋସାଣୀ ଏକାଦଶୀରେ ମୂଷାନଈ ଦେବୀଘାଟରେ ବିସର୍ଜିତ ହୋଇଥାନ୍ତି। ମା' କାକୁଡ଼ିଖାଇଙ୍କୁ ବିସର୍ଜନ କରାଯିବା ବେଳେ ପାଣିକଖାରୁ ବଳି ଦିଆଯାଇଥାଏ ବୋଲି ପୂଜକ ସୂଚନା ଦେଇଛନ୍ତି। ଶ୍ରୀ ଶ୍ରୀ ବିମଳାପୀଠ କାକୁଡ଼ିଖାଇ ଠାକୁରାଣୀ ସମିତି ସଭାପତି ଅରୁଣ କୁମାର ମହାନ୍ତି, ସମ୍ପାଦକ ଶ୍ରୀକଣ୍ଠ ମିଶ୍ର, କୋଷାଧ୍ୟକ୍ଷ ରଘୁନାଥ ପାଢ଼ୀ, ସହସମ୍ପାଦକ ବାବାଜୀ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ପୂଜା ପ୍ରସ୍ତୁତି ଚାଲିଛି।



ମା' କାକୁଡ଼ିଖାଇଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି।

### କାକୁଡ଼ିଖାଇ ଗୋସାଣୀ